# ଲୋକାର୍ପଣ ଉତ୍ସବରେ ଜିଲ୍ଲା ଉତ୍ସବମୁଖର

## ଜଗନ୍ନାଥ ମନ୍ଦିରେ ସ୍ୱତନ୍ତ୍ର ପୂଜା, କାର୍ଯ୍ୟକ୍ରମ

**ସମ୍ବଲପୁର, ୧୭।୧(ସମିସ)**

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ହୋଇଛି। ସାରା ରାଜ୍ୟ ଉତ୍ସବମୁଖର। ସମ୍ବଲପୁର ଜିଲ୍ଲାରେ ମଧ୍ୟ ଜଗନ୍ନାଥ ପ୍ରେମୀଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ଗ୍ରାମ ହେଉକି ସହର ସବୁଠାରେ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜା କରାଯାଇ ଭଜନ କିର୍ତ୍ତନ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୁରପଲ୍ଲୀରୁ ସହର ସାରା ଏକାଠି ହୋଇଥିଲେ ଭକ୍ତ। ଆଜି ଭଳି ପବିତ୍ର ଦିନରେ ଜଗନ୍ନାଥଙ୍କ ଦର୍ଶନ କରି ଧର୍ମ ଓ ଜ୍ଞାନର ତ୍ରିବେଣୀ ଉତ୍ସବରେ ଲୀନ ହୋଇଛନ୍ତି ଶ୍ରଦ୍ଧାଳୁ। ପୁରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ ଲୋକାର୍ପଣ କରିଥିବା ବେଳେ ଏହାର ସିଧାର ପ୍ରସାରଣ ଦେଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ବଡ ଏଲଇଡି ଜରିଆରେ ଏହି ମହୋତ୍ସବରେ ସାମିଲ ହୋଇଥିଲେ ଶ୍ରଦ୍ଧାଳୁ। ଭକ୍ତିଭାବରେ ବନ୍ଧା ହୋଇଥିଲେ ଭକ୍ତ। କେଉଁଠି ଭୋଗ ବ୍ୟବସ୍ଥା ତ କେଉଁଠି ଭଜନ କିର୍ତ୍ତନ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବା ସହ ପରିକ୍ରମା ପ୍ରକଳ୍ପ ପରି ଏକ ଐତିହ୍ୟସମ୍ପନ୍ନ ପ୍ରକଳ୍ପର ଲୋକାର୍ପଣ ହୋଇଥିବାରୁ ସବୁଆଡେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମକୁ ପ୍ରଶଂସା କରୁଥିଲେ ଭକ୍ତ। ଅପରାହ୍ନ ୧ଟା ୨୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିକ୍ରମା ପ୍ରକଳ୍ପର ଫଳକ ଉନ୍ମୋଚନ କରିଥିଲେ। ଏହା ଦେଖିବା ପାଇଁ ସମ୍ବଲପୁର ସହର ଓ ଗ୍ରାମାଞ୍ଚଳରରେ ଥିବା ଜଗନ୍ନାଥ ମନ୍ଦିରରେ ମଧ୍ୟ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନୀରେ ମୁଖରିତ ହୋଇଉଠୁଥିଲା ପରିବେଶ। ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ପରିଚାଳନା କରୁଥିଲେ। ଚାରିଆଡ଼େ ଘଣ୍ଟ, ଶଙ୍ଖ, ହୁଳହୁଳିରେ ପ୍ରକମ୍ପିତ ହୋଇ ଉଠୁଥିଲା। ପ୍ରକଳ୍ପ ଉଦଘାଟନ ଦିନ ସମସ୍ତେ ନିଜ ନିଜ ଘରେ ଦୀପ ଜାଳି, ଶଙ୍ଖ ବଜାଇ ଗ୍ରାମରେ ସଂକୀର୍ତ୍ତନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ପ୍ରେମୀଙ୍କୁ ଅନୁରୋଧ କରିଥିଲେ। ଅନୁରୋଧକୁ ରକ୍ଷା କରି ବିଭିନ୍ନ ମନ୍ଦିର ଓ ଘରେ ଜଗନ୍ନାଥଙ୍କୁ ସ୍ୱତନ୍ତ୍ର ଭାବେ ଆଜି ପୂଜା କରାଯାଇଥିଲା। ବହୁ ଭକ୍ତ ଦେଶ ଓ ବିଦେଶରେ ରହିଛନ୍ତି। ରାଜ୍ୟରେ ମଧ୍ୟ ଦୂରରେ ଥିବା ଭକ୍ତମାନେ ଉଦଘାଟନ ଦିନ ପୁରୀ ଆସିବା ସମ୍ଭବ ହୋଇପାରିଲା ନାହିଁ। ଜଗନ୍ନାଥ ଭକ୍ତଗଣ ନିଜ ନିଜ ସ୍ଥାନରେ ପ୍ରକଳ୍ପ ଉତ୍ସବ ସିଧା ପ୍ରସାରଣ ଦେଖି ଠାକୁରଙ୍କୁ ଧ୍ୟାନ କରିଥିଲେ।





# ଭକ୍ତଙ୍କ ସମାଗମ, ସାଂସ୍କୃତିକ କାର୍ଯ୍ୟକ୍ରମ

**ରେଢ଼ାଖୋଲ, ୧୭।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କଦମ୍ବ ପଡ଼ିଆ ଠାରେ ଆଜି ଶ୍ରୀ କ୍ଷେତ୍ରରେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ଅବସରରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରେଢ଼ାଖୋଲ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ କରିଥିବା ବେଳେ ରେଢ଼ାଖୋଲରେ ଭର୍ଚୁଆଲ ମାଧ୍ୟମରେ ଶତାଧିକ ଜନ ସାଧାରଣ ଦେଖି ଉତ୍ସାହିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ନାମ ଭଜନରେ ଶିଶୁ କଳାକାର ନୃତ୍ୟ ସଙ୍ଗୀତ, ସଙ୍କୀର୍ତ୍ତନ ମଣ୍ଡଳୀ, କୃଷ୍ଣଗୁରୁ ମଣ୍ଡଳୀ ସମେତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଜୟ ଜଗନ୍ନାଥ ନାମ ଧ୍ୱନିରେ ରେଢ଼ାଖୋଲ ଜନ ସାଧାରଣ ବିମୋହିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ନାଗରିକ, ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଏନଏସି କାର୍ଯ୍ୟାଳୟ କର୍ମଚାରୀ ଓ ବହୁ ସଂଖ୍ୟାରେ ମହିଳାମାନେ ଉପସ୍ଥିତ ରହିଥିଲେ। ଶେଷରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପ୍ରସାଦ ସେବନ କରି କାର୍ଯ୍ୟକ୍ରମ ସମାପନ ହୋଇଥିଲା।



# ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧା ପ୍ରସାରଣ

**ସମ୍ବଲପୁର: ୧୭।୧(ସମିସ):** ପରିକ୍ରମା ପ୍ରକଳ୍ପ ସମର୍ପଣର ଐତିହାସିକ ମୁହୂର୍ତ୍ତ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦେବତ୍ୱ ଓ ଭକ୍ତିରେ ଅତୁଳନୀୟ ଉପଲକ୍ଷେ ଜଗନ୍ନାଥ ମନ୍ଦିର ବୁର୍ଲା ଜଗନ୍ନାଥ ମନ୍ଦିର ହୀରାକୁଦ, ଜଗନ୍ନାଥ ମନ୍ଦିର କମିଶନର କଲୋନୀରେ ସିଧା ପ୍ରସାରଣ କରାଯାଇଥିଲା। ବୁର୍ଲା ସ୍ଥିତ ୨ନମ୍ବର ୱାର୍ଡରେ ଥିବା ଜଗନ୍ନାଥ ମନ୍ଦିର, ହୀରାକୁଦ ସ୍ଥିତ ୭ନମ୍ବର ୱାର୍ଡରେ ଥିବା ଜଗନ୍ନାଥ ମନ୍ଦିର ଓ ସମ୍ବଲପୁରର ୩୨ନମ୍ବର ୱାର୍ଡରେ ଥିବା ଜଗନ୍ନାଥ ମନ୍ଦିରରେ ଲୋକାର୍ପଣର ସିଧା ପ୍ରସାରଣ କରାଯାଇଥିଲା। ସମ୍ବଲପୁର ଠାରେ କଳା ଓ କଳାକାର ଅନୁଷ୍ଠାନ, ବୁର୍ଲା ଠାରେ ରଙ୍ଗଫରୁଆ ଅନୁଷ୍ଠାନ ଓ ହୀରାକୁଦ ଠାରେ ଅଙ୍କନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଇଥିଲା। ଏଥିରେ ସମ୍ବଲପୁର ମହାନଗର ନିଗମର ସମସ୍ତ କର୍ମଚାରୀମାନେ ଉକ୍ତ ଉତ୍ସବ ପରିଚାଳନା ସହିତ ସହଯୋଗ କରିଥିଲେ।



# ଶୋକାକୁଳ ପରିବାରକୁ ସାକ୍ଷାତକଲେ ପ୍ରସନ୍ନ

**ଝୁଝୁମୁରା, ୧୭।୧ (ସମିସ):** ଝୁଝୁମୁରା ବ୍ଲକ ବାହାମ ଗ୍ରାମରେ ମୃତକ ପରିବାରଙ୍କୁ ଭେଟିଛନ୍ତି ରେଢାଖୋଲ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ। ଆଜି ମଧ୍ୟାହ୍ନରେ ବାହାମ ଗ୍ରାମରେ ପହଞ୍ଚି ପ୍ରାଣତ୍ୟାଗ କରିଥିବା ଯୁବନେତା ପ୍ରୟାସ ନାଏକ, ପୂର୍ବତନ ଶିକ୍ଷକ ବିନୋଦ ବିହାରୀ ନାଥ ଓ ନାରୀ ସଶକ୍ତି କରଣ ସଂଗଠିକା ସୁନିତୀ ପଣ୍ଡା (ଝୁନୁ)ଙ୍କ ଶୋକାକୁଳ ପରିବାରରେ ପହଞ୍ଚି ସ୍ୱାନ୍ତନା ଦେବା ସହିତ ଏଭଳି ଦୁଃଖଦ ସମୟରେ ପରିବାର ବର୍ଗଙ୍କୁ ଶକ୍ତି ଓ ଧୈର୍ଯ୍ୟ ପ୍ରଦାନ କରିବାକୁ ଭଗବାନଙ୍କ ଠାରେ ପ୍ରାର୍ଥନା କରିଛନ୍ତି। ପ୍ରାରମ୍ଭରେ ଖଲିଆପାଲି ଛକରେ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସାକ୍ଷାତ ସମୟରେ ହୀରାଲାଲ ବେହେରା, ବିରେନ୍ଦ୍ର ପଶାୟତ, ରାଜକୁମର ସାହୁ, ଇସମାଇଲ ଆଜାଦ ବଢ଼ାଇ, ପ୍ରଦୀପ ପରିଡ଼ା, ଅମ୍ବରେଶ ନାୟକ, କ୍ଷୀରୋଦ ସାହୁ, ମନୋଜ ସୁବୁଦ୍ଧି, ଜଗଦିଶ ସାହୁ, ଖିରାଶୁ ଦେବ, ପ୍ରଦୀପ ଡନସେନା, ମୁନୁ ଦୀପ, ଅତହର (ବାବୁଲାଲ) ହୁସେନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକାର୍ପଣ ଉତ୍ସବରେ ସାମିଲ ହେଲେ ଶ୍ରଦ୍ଧାଳୁ

**କୁଚିଣ୍ଡା, ୧୭।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ ଦେଖିଲେ ହଜାର ହଜାର ଶ୍ରଦ୍ଧାଳୁ। ବାମରା ବ୍ଲକ ପ୍ରଶାସନ ପକ୍ଷରୁ ବାମରା(ଗୋବିନ୍ଦପୁର) ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହୋତ୍ସବ କମିଟି ମଞ୍ଚ ସମ୍ମୁଖରେ ଏଲିଡି ସ୍କ୍ରିନ ଲଗାଇ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଉତ୍ସବର ସାମିଲ ହୋଇ ଦେଖିବାର ସୁବିଧା କରାଯାଇଥିଲା। ପ୍ରାୟ ୨ ହଜାର ସଂଖାରେ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ଦେଖିଥିଲେ। ମକରକୁ ଆସିଥିବା ହଜାରେ ଅଧିକ ଶ୍ରଦ୍ଧାଳୁ ଭକ୍ତିରେ ନୃତ୍ୟଗୀତରେ ସାମିଲ ହୋଇଥିବା ବେଳେ, ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସଂଧାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, ଏବିଡ଼ିଓ ସୁଶାନ୍ତ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ଡବ୍ଲୁଇଓ ରଞ୍ଜନ ରାମ, ଗୋବିନ୍ଦପୁର ସରପଞ୍ଚ ବିମଲ ଲାକ୍ରା, ସମିତି ମେମ୍ବର ଅଜୟ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଇଓ ସୁଜିତ ନାୟକ, ନାଏବ ସରପଞ୍ଚ ମଙ୍ଗଲି ନାଏକ ପ୍ରମୁଖ ସହଯୋଗ କରିଥିଲେ।









# ସମଲେଇ ପ୍ରକଳ୍ପ ଲୋକାର୍ପଣ ପାଇଁ ଛତିଶଗଡ଼ରେ ନିମନ୍ତ୍ରଣ

**ସମ୍ବଲପୁର, ୧୭।୧ (ସମିସ):** ସମ୍ବଲପୁର ସମଲେଇ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଜାନୁଆରୀ ୨୭ ତାରିଖ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରକମଳରେ ଏହା ଲୋକାର୍ପଣ ହେବ। ଏଥିପାଇଁ ସମଗ୍ର ରାଜ୍ୟର ମନ୍ଦିର ଗୁଡିକୁ ନିମନ୍ତ୍ରଣ କରାଯାଉଛି। ଆଜି ଛତିଶଗଡ଼ ସମଲେଇ ମନ୍ଦିରରେ ନିମନ୍ତ୍ରଣ ପତ୍ର ଦିଆଯାଇଛି। ସମଲେଇ ମନ୍ଦିରର ଟ୍ରଷ୍ଟି, ପୂଜକ ଏବଂ ପ୍ରଶାସନିକ ଅଧିକାରୀ ନିମନ୍ତ୍ରଣ ଦେବା ପାଇଁ ଆଜି ଛତିଶଗଡ଼ର ଚନ୍ଦ୍ରହାସିନି ମନ୍ଦିର, ମାଁ ସମଲେଶ୍ୱରୀ ମନ୍ଦିର ଚାମ୍ପା ଓ ମାଁ ସମଲେଶ୍ୱରୀ ମନ୍ଦିର ପୁରାନୀ ବସ୍ତିକୁ ଯାଇଥିଲେ। ମନ୍ଦିରରେ ଉପସ୍ଥିତ ଟ୍ରଷ୍ଟି ଏବଂ ପୂଜାରୀଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ସମ୍ବଲପୁରରୁ ମନ୍ଦିର ଟ୍ରଷ୍ଟି ପ୍ରଫୁଲ୍ଲ ହୋତା, ପୂଜକ ପବିତ୍ର କୁମାର, ସୁଧୀର କୁମାର, ଡେପୁଟି କଲେକ୍ଟର ସଜତ ମାର୍କେ ଉପସ୍ଥିତ ରହିଥିଲେ।



# ଲୋକାର୍ପଣ ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ

**କୁଚିଣ୍ଡା, ୧୭।୧(ସମିସ):** ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ କୁଚିଣ୍ଡା ବ୍ଲକ ୧୭ ଗୋଟି ପଞ୍ଚାୟତ ଓ ଏନଏସି ପକ୍ଷରୁ ଅପରାହ୍ନରେ ବିଭିନ୍ନ ମନ୍ଦିର ପରିସରରେ ଜଗନ୍ନାଥ ପ୍ରେମୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଧା ପ୍ରସାରଣ ଏଲଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ଏନଏସି ପକ୍ଷରୁ ଆଜି ସନ୍ଧ୍ୟା ୫ ଘଟିକା ସମୟରେ ସ୍ଥାନୀୟ ମୁକୁନ୍ଦି ଖେଳ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାଳିଙ୍ଗିଆନ ତୈୟାତ୍ରିକର୍ମ, ଭୁବନେଶ୍ୱର ଓଡିଶୀ ନୃତ୍ୟ, ଭଜନ ସନ୍ଧ୍ୟା, ବିଶେଷ ଆକର୍ଷଣ ଜଗବନ୍ଧୁ ମୁଦୁଲି, କୁମାର ଦିଲ୍ଲୀପ ରହିଥିବା ବେଳେ କୁଚିଣ୍ଡା ବାଦଲ ଅର୍କେଷ୍ଟ୍ରା ପକ୍ଷରୁ ସମ୍ବଲପୁରୀ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଇଓ ଗୌରବ ପଧାନ ସମସ୍ତ ଜେଇ, କର୍ମଚାରୀ, ଏସଏଚଜି ମହିଳାମାନେ, କୀର୍ତ୍ତନ ମଣ୍ଡଳୀ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହା ସହ କୁଚିଣ୍ଡା ବ୍ଲକ ବିଭିନ୍ନ ଗ୍ରାମପଞ୍ଚାୟତରେ ପିଇଓ, ଜିଆରଏସ, ଜେଇ, ସରପଞ୍ଚ, ସମିତି ସଭ୍ୟ, ଏସଏଚଜି ମହିଳାମାନେ, ୱାର୍ଡ ମେମ୍ବରମାନେ ଯୋଗଦେଇଥିବା ବେଳେ ହାଡିପାଲି ଗ୍ରାମ ପଞ୍ଚାୟତରେ କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିପିଏମ ଷ୍ଟିଫେନ୍ସନ ବେହେରାଙ୍କ ତତ୍ତ୍ୱବୋଧନରେ ସମସ୍ତ କାର୍ଯ୍ୟ ସୁରୁଖୁରୁ ଭାବେ ସମାପ୍ତ ହୋଇଥିଲା।

# ଲୋକାର୍ପଣ ଉତ୍ସବରେ ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଜମନକିରା, ୧୭।୧(ସମିସ):** ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ମହୋତ୍ସବ ପାଇଁ ଆଜି ଜମନକିରା ଜଗନ୍ନାଥ ମନ୍ଦିରରେ ବଡ ଧୁମ୍ ଧାମରେ ଉତ୍ସବକୁ ପାଳନ କରାଯାଇଛି। ବିଡ଼ିଓ ରୀନା ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ କିଶୋର ଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ୍ୟା ଆଶ୍ରିତା ଭୋଇ, ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭରାମ ପଧାନ, ଜିଲ୍ଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଏଲଇଡି ମାଧ୍ୟମରେ ଲୋକର୍ପଣ ଉତ୍ସବରେ ସାମିଲ ହୋଇଥିଲେ। ସୂଚନା ଅନୁସାରେ, ଜମନକିରା ବ୍ଲକରେ ଗତ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ୨୧ ଗୋଟି ପଞ୍ଚାୟତରେ ଭ୍ରମଣ କରି ଗୁଆ ଚାଉଳ ସଂଗ୍ରହ କରି ଆଜି ଜମନକିରା ସଦର ମହକୁମାରେ ପହଞ୍ଚି ଯାତ୍ରା ଶେଷ ହୋଇଛି। ରଥଟିର ଶୁଭ ଉଦ୍‌ଘାଟନ ଜମନକିରା ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ ପତାକା ଦେଖାଇ ଉଦଘାଟନ କରିଥିଲେ। ପରିକ୍ରମା ପ୍ରକଳ୍ପର ଲୋକର୍ପଣ ଅବସରରେ ଆୟୋଜିତ ବ୍ୟବସ୍ଥା ଉପରେ ବିଡ଼ିଓ ସୁଶ୍ରୀ ନାଏକ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ରୋହିତ ଭୋଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାଳିନୀ ସିଂ, ଏପିଓ ମନୋଜ ଭୋଇ, ଓମପ୍ରକାଶ ସାହୁ, ଜମନକିରା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ନାରାୟଣ ପଣ୍ଡା, ଜମନକିରା ସମିତିସଭ୍ୟା ମିତା ମାଝୀ ପ୍ରମୁଖଙ୍କ ସମେତ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ବହୁ ଅଧିକାରୀ, କର୍ମଚାରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ଉପସ୍ଥିତ ଥିଲେ।









# ଜୟନ୍ତପୁର ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା

**ଝୁଝୁମୁରା, ୧୭।୧(ସମିସ)**

ବହୁ ପ୍ରତିକ୍ଷିତ ଜୟନ୍ତପୁର ଗ୍ରାମର ସୁରମ୍ୟ ଜଗନ୍ନାଥ ମନ୍ଦିର ଆଜି ଲୋକାର୍ପିତ ହୋଇ ପ୍ରଭୁ ଜଗନ୍ନାଥ ଭକ୍ତଜନଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଦିନରେ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ହେବା ଭକ୍ତଙ୍କୁ

## ଶ୍ରଦ୍ଧାଳୁଙ୍କ ସମାଗମ, ବିଭିନ୍ନ କାର୍ଯ୍ୟକ୍ରମ

ଆହୁରି ଶୋଭାଗ୍ୟବାନ କରିବ। ମନ୍ଦିର ପ୍ରତିଷ୍ଠା ପାଇଁ ଗତ ୧୩ ତାରିଖ ଦିନ ଅଙ୍କୁରାରୋପଣ ୧୪ ତାରିଖରେ ବର୍ଣ୍ଣାଢ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଦିନ ପ୍ରାଣପ୍ରତିଷ୍ଠା, ନ୍ୟାସ କର୍ମ, ଶିସାର ସ୍ନାନ, ମନ୍ଦିର ବିନ୍ୟାସ ହୋଇ ଆଜି ମନ୍ଦିର ପ୍ରତିଷ୍ଠା ହୋଇ ଦେବତା ପ୍ରବେଶ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଯାଇଛି। ଏହି ପ୍ରାଣ ପ୍ରତିଷ୍ଠା ସମାରୋହରେ ୫୦ ହଜାରରୁ ଅଧିକ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଗ୍ରାମରେ ସମାଗମ ହୋଇ ଜୟନ୍ତପୁର ଜନ ସମୁଦ୍ରରେ ପରିପୂର୍ଣ୍ଣ ହୋଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ପୁରୁଷୋତ୍ତମ କରଙ୍କ ପୌରୋହିତ୍ୟରେ ଆଶିଷ ସାହୁ ଓ ପ୍ରମିତା ସାହୁ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଗୀତା ନାମଯଜ୍ଞ, ସଂକର୍ତ୍ତନରେ ସମଗ୍ର ଗ୍ରାମ ଜଗନ୍ନାଥ ମୟ ହୋଇ ଉଠିଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ଆଶିର୍ବାଦ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଲାଲ ପ୍ରଧାନ, ଗୋବିନ୍ଦ ଅଗ୍ରୱାଲ, ଦେବେନ୍ଦ୍ର ମହାପାତ୍ର, ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଲା ପ୍ରଧାନ ପ୍ରମୁଖ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ମନ୍ଦିର ପ୍ରତିଷ୍ଠା କମିଟି ସଭାପତି ନରେନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ ବହୁମୁଖି କାର୍ଯ୍ୟକ୍ରମରେ ସମ୍ପାଦକ ବଳରାମ ସାହୁ, ଅମୁଲ୍ୟ ସାହୁ, ଜ୍ୟୋତିଷ ସାହୁ, ଶ୍ରୀପତି ପ୍ରଧାନ, ଆନନ୍ଦ ସାମଲ, ଦୀନବନ୍ଧୁ ପ୍ରଧାନ, ସିଦ୍ଧେଶ୍ୱର ସାହୁ, ପ୍ରତାପ ସାହୁ, ଦୀପକ ପ୍ରଧାନ, ସୁରଜ ଗୁରୁ, ପ୍ରଫୁଲ୍ଲ ଚଇନି ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ମନ୍ଦିର ପ୍ରତିଷ୍ଠା ପାଇଁ ବହୁ ଉତ୍ସାହୀ ଧାର୍ମିକ ସମାଜସେବୀ ଓ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ ଠାରୁ ଚା, ଜଳଖିଆ ପ୍ରଭୃତି ସେବା ଯୋଗାଇ ଦିଆଯାଇଥିବା ବେଳେ ମନ୍ଦିର କମିଟି ପକ୍ଷରୁ ସହସ୍ରାଧିକ ଜଗନ୍ନାଥ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଡା.ରାଜାରାମ ଷଡଙ୍ଗୀ, ଯୁବ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ୍ ବେହେରା, ଖରାଂଶୁ ଦେବ, ରାଜକୁମର ସାହୁ, ରାମଚନ୍ଦ୍ର ସାହୁ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ମଧ୍ୟ ଗ୍ରାମର ପଡ଼ା ପଡ଼ାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।







### ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

## କୃଷ୍ଣପ୍ରେମରେ ଆତ୍ମବିଭୋର ଗୋପପୁରବାସୀ

**ବରଗଡ଼, ୧୭ା୧(ସମିସ):** ବରଗଡ଼ ଧନୁଯାତ୍ରାର ତୃତୀୟ ଦିନରେ ଗୋପପୁରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମକୁ ନେଇ ଆତ୍ମବିଭୋର ହୋଇ ବିଭୋର ହୋଇ ପଡ଼ିଛନ୍ତି କୃଷ୍ଣଙ୍କ ଆବିର୍ଭାବକୁ ନେଇ। ସାରା ଗୋପପୁର ଉତ୍ସବ ମୁଖରିତ ହୋଇ ପଡ଼ିଛି। ଗୋପାଳ ବାଳକ ଠାରୁ ସମସ୍ତ ଗୋପପୁରରେ ନନ୍ଦରାଜାଙ୍କ ଦରବାର ଉଦଘାଟିତ ହୋଇଛି। ଏ ଅବସରରେ ବରଗଡ଼ ଏସପି ପିଏସ ମୀନା, ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ପୌରାଧ୍ୟକ୍ଷ କଳ୍ପନା ମାଝୀ, କାଉନସିଲର ଦିପାଞ୍ଜଳୀ ବାଗ ଅତିଥି ଭାବେ ଯୋଗ ନନ୍ଦଭବନ ଓ ନନ୍ଦଦରବାରକୁ ଉଦଘାଟନ



ପଡ଼ିଛନ୍ତି ନନ୍ଦରାଜା ଏବଂ ଆୟୋଜନ କରିଛନ୍ତି ନନ୍ଦୋତ୍ସବ। ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ଉତ୍ସବ ମୁଖରିତ ହୋଇ ପଡ଼ିଛି ସମଗ୍ର ଗୋପପୁର। ସମସ୍ତ ଗୋପପୁର ବାସୀ ସମେତ ନନ୍ଦରାଜ ଓ ରାଣୀ ଖୁସିରେ ଆତ୍ମ ଗୋପପୁର ଚଳଚଞ୍ଚଳ ହୋଇପଡ଼ିଛି। ଭଗବାନ ଶ୍ରୀକୃଷ୍ଣଙ୍କୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯିବା ସହ ଦୋଳି ଝୁଲା ଏବଂ ରାସ ନୃତ୍ୟରେ ମାତି ଯାଇଛନ୍ତି ଗୋପପୁରବାସୀ। ସେହିପରି ତୃତୀୟ ଦିବସରେ କରିଥିଲେ। ଏ ଅବସରରେ ରାଜ ପୁରୋହିତ ଭଗବାନ ବିର୍ତ୍ତିଆ, ଦୟା ପ୍ରଧାନ, ପଦ୍ମଲୋଚନ ମଲ୍ଲିକ, ନାରାୟଣ ଭୋଇ, ମୀନକେତନ ଭୋଇଙ୍କ ସମେତ ଗୋପପୁର କମିଟିର ସଦସ୍ୟ ଉପସ୍ଥିତ ଥିଲେ।

# ଉଦ୍‌ଘାଟିତ ହେଲା ପଲ୍ଲିଶ୍ରୀ ମେଳା






**ବରଗଡ଼, ୧୭ା୧ (ସମିସ)**

ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଉପଲକ୍ଷେ ସାରା ଓଡ଼ିଶାର ବିଭିନ୍ନ ଗ୍ରାମାଞ୍ଚଳର କ୍ଷୁଦ୍ର କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ ଦ୍ୱାରା ତିଆରି ସାମଗ୍ରୀ ସବୁ ପ୍ରଦର୍ଶିତ ହେଉଛି। ୨୦୦ଟି ଷ୍ଟଲରେ ୪୦୦ କାରିଗରଙ୍କ ଏଭଳି ଏକ ପ୍ରଦର୍ଶନ ପଲ୍ଲିଶ୍ରୀ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଏବଂ ଓରମାସ ସହଯୋଗରେ ବରଗଡ଼ ଜିରା ନଦୀକୂଳରେ ସାଂସଦ ସୁରେଶ ପୂଜାରୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ପୌରାଧକ୍ଷା କଳ୍ପନା ମାଝୀ, ଓରମାସ୍ ଅଧିକାରୀ ପ୍ରଶାନ୍ତ ଦାଶ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ

### ୨ଶହ ଷ୍ଟଲରେ ୪ଶହ କାରିଗର

ଦାଶ, ଯୁବନେତା ସୁଶାନ୍ତ ମିଶ୍ର, ଆଇନଜୀବୀ ଲିପସିତ୍ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲା ବୈପାରିଗୁଡ଼ାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ।

## ବିଜୁଳି କନ୍ୟାର ଅଟ୍ଟହାସ୍ୟରେ କଂସ ବିଚଳିତ

**ବରଗଡ଼, ୧୭ା୧(ସମିସ):** ମହାରାଜ କଂସଙ୍କ ରାଜତ୍ୱରେ ମଥୁରା ନଗରୀ ଥରହର ହୋଇପଡ଼ିଛି। ମଥୁରାନଗରୀରେ ମହାରାଜା କଂସ ପ୍ରତିଦିନ ପରି ନଗର ଭ୍ରମଣରେ ବାହାରିବା ସହ ଦେବକୀଙ୍କ ଅଷ୍ଟମ ସନ୍ତାନକୁ ଶୀଳାରେ ପ୍ରହାର, ବିଜୁଳି କନ୍ୟାର ଆବିର୍ଭାବ, ଦୈବବାଣୀ ଏବଂ ଚିନ୍ତିତ କଂସ ଦ୍ୱାରା ଷଡମଲ୍ଲକୁ ଆହ୍ୱାନ କରାଯାଇଥିଲା। ବିଶ୍ୱ ପ୍ରସିଦ୍ଧ ମଥୁରା ନଗରୀରେ ମହାରାଜା କଂସ ପ୍ରତିଦିନ ପରି ନଗର ପରିଭ୍ରମଣ କରି ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାର କରି ଦୈବବାଣୀକୁ ଭୁଲାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଛନ୍ତି। ଆରାଧ ଦେବତା ତାରଣକର୍ତା ମହାଦେବଙ୍କୁ ସ୍ମରଣ କରିଛନ୍ତି। ନିଜର ମରଣ ନେଇ ଭୟରେ ଉବୁଟୁବୁ କଂସ କାଳୀ ମନ୍ଦିରସ୍ଥିତ ଶ୍ୟାମେଶ୍ୱର ବାବାଙ୍କୁ ଦର୍ଶନ



ବରଗଡ଼ ଧନୁଯାତ୍ରା ଏବେ ତୃତୀୟ ଦିନରେ ପହଞ୍ଚିଥିବା ବେଳେ ଧିରେ ଧିରେ ଦର୍ଶକଙ୍କ ସମାଗମ ବଢ଼ିବାକୁ ଲାଗିଛି। ସେହିପରି ମହାରାଜା କଂସଙ୍କ ରାଜଦରବାରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ନୃତ୍ୟ ଦଳଗୁଡିକ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ୍ୟ ହୋଇପାରିଛି। ଓ ଆରାଧନା କରିଛନ୍ତି। ପରେ ମହର୍ଷି ନାରଦଙ୍କ ପରାମର୍ଶକ୍ରମେ ଷଡ଼ମଲ୍ଲ ଓ ଭଉଣୀ ପୁତନାକୁ ଆବାହନ କରି ଦେବକୀର ଅଷ୍ଟମ ସନ୍ତାନର ବିନାଶ ପାଇଁ ଗୋପପୁର ପ୍ରେରଣ କରିବା ସହ ପୁଣି ସୁରା ଓ ସାକୀର ସହାୟତା ନେଇ ମହାମନ୍ତ୍ରୀ ଶକ୍ରାଜିତଙ୍କୁ ନୃତ୍ୟ ଗୀତର ଆସର ପାଇଁ ନିର୍ଦ୍ଦେଶ ଦେଇଥିଲେ। ମହାମନ୍ତ୍ରୀ ଶକ୍ରାଜିତଙ୍କ ଘୋଷଣା କ୍ରମେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ମନଲୋଭା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅର୍ଣ୍ଣପୂର୍ଣ୍ଣା ଡ୍ୟାନ୍ସ ଏକାଡେମୀ କଟକ, ମା କେନ୍ଦୁଲାଇ ବସାଲି ଚଇତି ଘୋଡା, ଚୁମକୁଛୁମା କଳାପରିଷଦ ସିଂଘେନପାଲି, ଚିନିଚମ୍ପା କଳା ପରିଷଦ ପାଟଣାଗଡ଼, ଭାରତୀ କଳାପରିଷଦ ମହୁଲପାଲି, ବ୍ରଜେଶ୍ୱରୀ ନୃତ୍ୟକଳା ପରିଷତ ବଡଗାଁ, ସୁରସଙ୍ଗମ ବରିକେଲ, ଚେତନା ସାଂସ୍କୃତିକ ସଂସଦ ସୋହେଲା, ବଜାଶାଳ ବଲାଙ୍ଗୀର, ଆଦି ନୃତ୍ୟ କଳା ଏକାଡେମୀ କୋଲକତା, ଝାରମଲୀ ଟିଟିଲାଗଡ଼ ଏବଂ ରେନବୋ ପବ୍ଲିକ ସ୍କୁଲ ବରଗଡ଼ ତରଫରୁ ରାଜଦରବାର ଏବଂ ରଙ୍ଗମହଲରେ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଗୋପପୁର ନନ୍ଦ ଦରବାରରେ ଅଚ୍ୟୁତ ବେହେରା ଏବଂ ଦଳ ଦ୍ୱାରା ସଞ୍ଚାର, ଦିବ୍ୟରୂପା କଳାପରିଷଦ, ବ୍ରଜେଶ୍ୱରୀ ନୃତ୍ୟ ସଂସଦ କୁମ୍ଭାରୀ, ଦିଲୀପ ଓ ଦଳ, ହେମନ୍ତ ରାଉତ ଓ ଦଳ ଏବଂ ବଳରାମ ଡ୍ୟାନ୍ସ ଏକାଡେମୀ ତରଫରୁ ନୃତ୍ୟ ଗୀତ ପରିବେଷିତ ହୋଇଥିଲା।

ଗୁରୁବାର ଧନୁଯାତ୍ରାର ଚତୁର୍ଥ ଦିବସରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, କୃଷ୍ଣ ବଳରାମଙ୍କ ହସ୍ତରେ କଂସଙ୍କ ପ୍ରେରିତ ପୁତନା ସମେତ ଷଡମଲ୍ଲ ରାକ୍ଷସ ରାକ୍ଷସୀଙ୍କ ସଂହାର। ସେହିପରି ମହାରାଜା କଂସଙ୍କ ନଗର ଭ୍ରମଣ ଏବଂ ବାଣାସୁରକୁ ଯୁଦ୍ଧରେ ପରାଜୟ କରିବା ସହିତ ଗୋପପୁରରେ ପୁତନା ସମେତ ଷଡମଲ୍ଲ ନିଧନ ଖବର ପାଇ କଂସର ଶୋକ ଦୃଶ୍ୟ ଅଭିନୀତ ହେବ।

## ଧନୁଯାତ୍ରାର ଅନ୍ୟତମ ଆକର୍ଷଣ ମହାରାଜା କଂସଙ୍କ ନଗର ଭ୍ରମଣ

**ବରଗଡ଼, ୧୭ା୧ (ସମିସ) :** ବରଗଡ଼ ଧନୁଯାତ୍ରର ଅନ୍ୟତମ ଆକର୍ଷଣ ହେଉଛି ମହାରାଜା କଂସଙ୍କ ନଗର ଭ୍ରମଣ ଓ ଦଣ୍ଡ ବିଧାନ। ମଥୁରା ନଗରୀରେ ମହାରାଜା କଂସ ପାତ୍ରମନ୍ତ୍ରୀଙ୍କ ସହ ନଗର ଭ୍ରମଣ କରୁଥିବା ବେଳେ ପ୍ରଜାଙ୍କ ସୁଖଦୁଖରେ ସାମିଲ ହେବା ସହ ଦୋଷୀ ବ୍ୟକ୍ତି ତଥା କର୍ମଚାରୀମାନଙ୍କୁ ଅର୍ଥ ଦଣ୍ଡ, ଶାରୀରିକ ଦଣ୍ଡ ଦେଇଥାନ୍ତି। ଏହି ଦଣ୍ଡ ବିଧାନ କରିବାର ପରମ୍ପରା ଯାତ୍ରା ଆରମ୍ଭରୁ ଚାଲିଆସିଥିବା ବେଳେ ଦର୍ଶକ ମଧ ଏହାକୁ ବେଶ ଉପଭୋଗ କରିଥାନ୍ତି।

ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ପାଇଁ ମଥୁରା ନଗରୀ କଂସଙ୍କ ରାଜତ୍ୱରେ ଥର ହର ହୋଇପଡ଼ିଛି। ଏଗାର ଦିନ ଧରି ମହରାଜା କଂସଙ୍କ ଶାସନ ଚାଲୁଥିବା ବେଳେ ଏ ସମୟରେ କଂସଙ୍କ ନଗର ଭ୍ରମଣରେ ବାହାରି ପ୍ରଜାଙ୍କ ସୁଖଦୁଖରେ ସାମିଲ ହୋଇଥାନ୍ତି। ହାତୀ ପିଠିରେ ପାଟମନ୍ତ୍ରୀଙ୍କ ସହ କଂସଙ୍କ ନଗର ଭ୍ରମଣ ଦୃଶ୍ୟ ବେଶ ମନୋରମ ହୋଇଥାଏ। ତେବେ ଯାତ୍ରାର ତୃତୀୟ ଦିବସରେ ମହାରାଜା କଂସ ନିଜ ମହାମନ୍ତ୍ରୀ ଶକ୍ରାଜିତ, ମହାମନ୍ତ୍ରୀ ଅନାଦୃଷ୍ଟ, ସେନପତି ହଂସଧ୍ୱଜ, ସେନାପତି ପ୍ରଦ୍ୟୁତ, ସେନାପତି ଚନ୍ଦ୍ରକେତୁ, ସେନାପତି ବିରୁପାକ୍ଷ ସମେତ ସୈନ୍ୟସାମନ୍ତ ନଗର ଭ୍ରମଣରେ ବାହାରି ଦୋଷୀ ବ୍ୟକ୍ତି ତଥା ସରକାରୀ କର୍ମଚାରୀମାନଙ୍କ ଦଣ୍ଡବିଧାନ କରିଛନ୍ତି। ମହାରାଜା କଂସ ନିଜ ନଗର ଭ୍ରମଣ ସମୟରେ ଆଜି ଓଡ଼ିଶା ରାଜ୍ୟ ସଡକ



ପରିବହନ ନିଗମ କାର୍ଯ୍ୟାଳୟକୁ ପହଞ୍ଚି ସମସ୍ତ କର୍ମଚାରୀ ତଥା ବସ ଚାଳକମାନଙ୍କୁ ଡାକି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ବସଷ୍ଟାଣ୍ଡ ପରିସରରେ ପଡ଼ିରହିଥିବା ଅଳିଆ ଆବର୍ଜନ ତଥା ଶୌଚାଳୟକୁ ନେଇ ତାଗିଦ କରିଥିଲେ। ସେହିପରି ଗାଡି ଚଲାଇବା ସମୟରେ ମଦ୍ୟପାନ ତଥା ମୋବାଇଲ ବ୍ୟବହାର ନ କରିବାକୁ କଡା ନିର୍ଦ୍ଦେଶ ଦେଇଥିଲେ। ଏହାବାଦ ମହାରାଜା କଂସ ରାସ୍ତାରେ ଯାଉଥିବା ନିୟମ ଭାଙ୍ଗୁ ଥିବା ବାଇକ ଚାଳକ ତଥା ବିଭିନ୍ନ ଦୋକାନୀ ମାନଙ୍କୁ ତାଗିଦ କରିବା ସହ ରାସ୍ତାରେ ନୃତ୍ୟଗୀତର ତାଳେ ତାଳେ ନାଚିବାକୁ ନିର୍ଦ୍ଦେଶ ଦେଇଥିଲେ। କଂସ ମହାରାଜାଙ୍କ ଏପରି ପଦକ୍ଷେପକୁ ନେଇ ଜନସାଧାରଣରେ ବେଶ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି।

## ‘ପରିକ୍ରମା’ ଲୋକାର୍ପଣ ସିଧାପ୍ରସାରଣ ଦେଖିଲେ ଗୋବିନ୍ଦପୁରବାସୀ

**ବରଗଡ଼,୧୭ା୧(ସମିସ):** ବରଗଡ଼ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତବାସୀ ପୁରୀଠାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ ଦେଖିଥିଲେ । ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ଉଦ୍ୟମରେ ପଞ୍ଚାୟତ କାର୍ଯ୍ୟାଳୟରେ ଗୋବିନ୍ଦପୁର, ଉଲବା, ବଗେଇବିର ରଙ୍ଗାଡ଼ିହି, ସାଲେପାଲି, ବରପଦର ଆଦି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପ୍ରକଳ୍ପର ଉଦଘାଟନ କାର୍ଯ୍ୟକ୍ରମ ଦେଖିଥିଲେ। ପଞ୍ଚାୟତ ତରଫରୁ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।



## ଓଡ଼ିଶା ଗ୍ୟାସ୍ ବିତରକ ସଂଘ ପକ୍ଷରୁ ବରଗଡ଼ ପୁଲିସକୁ ସାଧୁବାଦ

**ବରଗଡ଼, ୧୭ା୧ (ସମିସ):** ଗତ ଅକ୍ଟୋବର ଏବଂ ଡିସେମ୍ବରରେ ଅତାବିରା, ସୋନପୁର, ବରପାଲିରେ ଥିବା ଗ୍ୟାସ୍ ଗୋଦାମରୁ ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଥିଲା। ଗ୍ୟାସ୍ ବିତରକ ମାଲିକମାନଙ୍କ ଏତଲା ପରେ ପୁଲିସ୍ ଅନୁସନ୍ଧାନ ଚଳାଇ ୬ ଜଣ ଆନ୍ତଃରାଜ୍ୟ ଡକାୟତ ଏବଂ ତିନିଜଣ ଚୋରି ସାମଗ୍ରୀର ଗ୍ରାହକଙ୍କୁ ଗିରଫ କରିଛି। ବ୍ୟବହୃତ ଗାଡ଼ି, ୫୦୦ ଗ୍ୟାସ୍ ସିଲିଣ୍ଡର ଏବଂ ଗୋଦାମ ଗୃହ କାଟିବା ଏବଂ ଆକ୍ରମଣ ପାଇଁ ବ୍ୟବହୃତ ସମସ୍ତ ମାରଣାସ୍ତ୍ର ମଧ ଜବତ କରିଛି। ଘଟଣାରେ ବରଗଡ଼ ଜିଲ୍ଲା ପୁଲିସ୍ ପ୍ରଶାସନର ଦକ୍ଷତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶା ଏଲ୍‌ପିଜି ଆସୋସିଏସନ୍ ତରଫରୁ ସଭାପତି ଡ. ଲୋପାମୁଦ୍ରା ବକ୍ସିପାତ୍ର ଏବଂ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ ସାଧୁବାଦ ଜଣାଇଛନ୍ତି। ସଭାପତି ଏବଂ ସମ୍ପାଦକ ବିତରକମାନଙ୍କୁ ସତର୍କ ରହିବା ଏବଂ ନିୟମିତ ବ୍ୟବଧାନରେ ଗୋଦାମଗୁଡ଼ିକୁ ଡକାୟତିର ବୀମାଭୁକ୍ତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ପୁଲିସ୍ ପ୍ରଶାସନ ସହ ସାଧାରଣ ପ୍ରଶାସନର ଓଡ଼ିଶାର ସମସ୍ତ ବିତରକଙ୍କ ପାଇଁ ଏଭଳି ସହଯୋଗ ରହିବା ନେଇ ସଭାପତି ଆଶା କରିଛନ୍ତି।

## ଏ ଯାଏଁ ହୋଇପାରିଲାନି ଗୋପପୁରର ସ୍ଥାୟୀ ତୋରଣ

ବରଗଡ଼, ୧୭ା୧(ସମିସ): ଧନୁଯାତ୍ରା ସମୟରେ ଗୋପପୁର ଅମ୍ବାପାଲିରୁ ସ୍ଥାୟୀ ତୋରଣ ଏ ଯାଏଁ ନିର୍ମାଣ ହୋଇପାରି ନାହିଁ। ପୂର୍ବରୁ ଧନୁଯାତ୍ରାର ଏକମାତ୍ର ସ୍ଥାୟୀ ତୋରଣ ଗୋପପୁରର ପ୍ରବେଶ ପଥରେ ରହିଥିଲା। ମାତ୍ର ବରଗଡ଼-ବୋରିଗୁମ୍ମା ଜାତୀୟ ରାଜପଥ ପ୍ରଶସ୍ତୀକରଣ ସମୟରେ ଉକ୍ତତୋରଣକୁ ଭାଙ୍ଗି ଦିଆଯାଇଥିଲା। ଯାହାକି ଦୁଇ ବର୍ଷ ବିତି ଯାଇଥିଲେ ମଧ ଗୋପପୁରକୁ ସ୍ୱାଗତ କରୁଥିବା ଉକ୍ତ ସ୍ଥାନରେ ସ୍ଥାୟୀ ତୋରଣ ନିର୍ମାଣ ହୋଇପାରିନାହିଁ। ଚଳିତ ବର୍ଷ ଧନୁଯାତ୍ରା ସମୟରେ ଗୋପପୁରରେ ଏକ ବିଦ୍ୟୁତର ତୋରଣ ଲଗାଯାଇ ଗୋପପୁର ଲେଖାଯାଇଛି। ଯାହା କୃଷ୍ଣପ୍ରେମୀଙ୍କୁ ବ୍ୟଥିତ କରିଥିବା ବେଳେ ଏଠାରେ ଏକ ସ୍ଥାୟୀ ତୋରଣ ପୁରି ନିର୍ମାଣ କରିବାକୁ ଦାବି ହୋଇଛି।



# ଅର୍ପଣରଥର ଉଦ୍‌ଯାପନୀ ସମାରୋହ



ବରପାଲି,୧୭ା୧ (ସମିସ): ବରପାଲି ବ୍ଲକ କଦଲିପାଲି ଶିବ ମନ୍ଦିର ପରିସରରେ ବ୍ଲକସ୍ତରୀୟ ରଥ ପରିକ୍ରମା ଉଦଯାପନୀ ସମାରୋହ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ଯୋଗ ଦେଇଥିଲେ। ବିଡିଓ ପ୍ରସନ୍ନ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ରିନା ଥଇତ, ରାଜ୍ୟ ସମବାୟ ଉପସଭାପତି ବିରୋସେନ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଗୋବିନ୍ଦ ସାହୁ, ଅନନ୍ତ ସେଠ, ଜୀବନ ବିନ୍ଦୁ ସଂଯୋଜକ ଗୌରହରି ମିଶ୍ର ତଥା ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକଙ୍କ ସମେତ ବହୁ ସମିତିସଭ୍ୟ ଏବଂ ସରପଞ୍ଚ ଯୋଗ ଦେଇଥିଲେ। ରଥ ପରିକ୍ରମାର ଅନାବରଣ ଉତ୍ସବର ଏଲିଇଡି ମାଧ୍ୟମରେ ସିଧା ପ୍ରସାରଣ ସହ ପ୍ରିୟମ୍ବଦା ମିଶ୍ରଙ୍କ ଦ୍ୱାରା ଭାଗବତ ପାରାୟଣ, ପୂଜାର୍ଚ୍ଚନା ଏବଂ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ରଖାଯାଇଥିଲା। ଉତ୍ସବରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମିତିସଭ୍ୟ ଜିଆରଏସ, ମହିଳା ଗୋଷ୍ଠୀ, ଅଙ୍ଗନବାଡି କର୍ମୀଙ୍କ ସହ ବୈଷ୍ଣବ ଧର୍ମାବଲମ୍ବୀ ଭକ୍ତ ସାମିଲ ହୋଇଥିଲେ। ନିର୍ଦ୍ଧାରିତ ଦିନରେ ବ୍ଲକର ୨୩ଟି ପଞ୍ଚାୟତ ବିଭିନ୍ନ ଗ୍ରାମରେ ରଥ ପରିକ୍ରମା ସହ ସ୍ୱାଗତ ଏବଂ ଗୁଆ ଚାଉଳ ସଂଗୃହୀତ ପ୍ରକ୍ରିୟା ସମାପନ ହୋଇଛି। ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ମହୋତ୍ସବ ଅବସରରେ ଅଞ୍ଚଳର ଜନସାଧାରଣ ଉତ୍ସବରେ ଅଂଶୀଦାର ହୋଇଥିଲେ।

## ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍ ସେମିରେ ଅନୁଗୁଳ

**ଦହିତା, ୧୭ା୧(ସମିସ):** ପଦ୍ମପୁର ବ୍ଲକ ଖଇରପାଲିରେ ରାଜ୍ୟସ୍ତରୀୟ ଏକାଦଶ ଗୋଲଡେନ ଷ୍ଟାର କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ଖଇରପାଲି ଜଗନ୍ନାଥ କମିଟିର ସଭାପତି ଜଗନ୍ନାଥ ବରିହା ମୁଖ୍ୟଅତିଥି ଭାବରେ ଓ ଉପସଭାପତି ପ୍ରଫୁଲ୍ଲ ମେହେର ଯୋଗ ଦେଇଥିବା ବେଳେ ପ୍ରଥମ ଦିନ ତିନିଟି ମ୍ୟାଚ୍ ଖେଳା ଯାଇଥିଲା। କ୍ୱାର୍ଟର ଫାଇନାଲର ମ୍ୟାଚ୍‌ରେ ଅନୁଗୁଳ ଦଳ ବସନାକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ମ୍ୟାଚ୍ ଶେଷରେ ଯୁବ ସାମ୍ବାଦିକ ନୀଳକଣ୍ଠ ଦୀପ, ଡିଲେଶ୍ୱର ବାଗ, ବରିଷ୍ଠ ସାମ୍ବାଦିକ ରତ୍ନମଣି ଶତପଥୀ, ପ୍ରଦୀପ୍ତ କିଶୋର ଦାଶ, କିରଟି ସାହୁ, ଅଶ୍ୱିନୀ ଧରୁଆ ଯୋଗ ଦେଇଥିଲେ। ମ୍ୟାଚ୍‌ରେ ମିଟୁ, ସୁନୀଲ, ଆନନ୍ଦ ବୁଦ୍ଧଦେବ ପ୍ରମୁଖ ଧାରା ବିବରଣୀ କରିଥିବା ବେଳେ ରାଜୀବ, ସନମ, ଦିଲ୍ଲୀପ, ହନୁ ମ୍ୟାଚ ପରିଚାଳନା କରିଥିଲେ। ସାନୁ, ଚନ୍ଦନ, ଗୋକୁଳ, ଉମେଶ, ମୋହନ, ଦୟା, ଅର୍ଜୁନ, ସନ୍ତୋଷ, ପିଣ୍ଟୁ, ପପୁ, ସୁଶୀଲ ବିକାଶ, ସୁଜିତ୍, ଜଗନ୍ନାଥ ଦେବା ପ୍ରମୁଖ ସହଯୋଗ କରିଥିଲେ।




## ଜଗଦଲପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ରୋମାଙ୍କ ଯୋଗଦାନ

**ଝାରବନ୍ଧ, ୧୭ା୧(ସମିସ):** ଝାରବନ୍ଧ ବ୍ଲକ ଜଗଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବରେ ନିଯୁକ୍ତି ପାଇ ଡା. ମଞ୍ଜୁସ୍ମିତା (ରୋମା) ବଢେଇ ଯୋଗଦାନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଗାୟତ୍ରୀ ନନ୍ଦ ଓ ଅନ୍ୟ ସହକର୍ମୀମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଦୀର୍ଘଦିନ ପରେ ଜଣେ ଏଲୋପ୍ୟାଥିକ ଡାକ୍ତର ଯୋଗଦାନ କରିଥିବାରୁ ଅଞ୍ଚଳବାସୀଙ୍କ ମନରେ ଉତ୍ସାହ ଦେଖା ଦେଇଛି। ଡା. ରୋମା ରାଜ୍ୟ ପଣ୍ୟାଗାର ନିଗମ ଅଧକ୍ଷା ମଞ୍ଜୁଶ୍ରୀ ବଢେଇ ଓ ଦିବଂଗତ ମହେନ୍ଦ୍ର ବଢେଇଙ୍କ ଏକମାତ୍ର କନ୍ୟା ଅଟନ୍ତି।



## ଦେବଦର୍ହାରେ ଗୁରୁ-ଶିଷ୍ୟ ମିଳନ ଉତ୍ସବ

**ଝାରବନ୍ଧ, ୧୭ା୧(ସମିସ):** ସୁରଙ୍ଗୀ ନଦୀକୂଳ ଝାଞ୍ଜି ପାହାଡ ଉପରେ ବିରାଜିତ ପ୍ରସିଦ୍ଧ ଶୈବପୀଠ ଦେବଦର୍ହା ପାଦଦେଶରେ ଲଖମରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୯୯୮ରୁ ୨୦୦୫ ପର୍ଯ୍ୟନ୍ତ ପ୍ରଥମରୁ ସପ୍ତମ ଶ୍ରେଣୀ ପଢୁଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ଶିଷ୍ୟ ମିଳନ ଉତ୍ସବ ପାଳନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷକ ମୋତିରାମ ପଟେଲ, ମଣି ମହାନନ୍ଦ, ଭୁବନେଶ୍ୱର ତାଣ୍ତି, ସୌଦାମିନୀ ପଣ୍ଡା, କାନ୍ତି ଲୁହାର, ସୁନାଧର ଡନସନା, ବସୁଦେବ ପିଞ୍ଜରା, ନକୁଳ ମାଝି, ଜୟଦେବ ବେହେରା, ରୋସନ ବନିଆଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁମନ୍ତ ଦାଶ, ଅମୂଲ୍ୟ ସାହୁ, ସୁଶୀଲ ମହାନନ୍ଦ, ସନତ ବାଗ, ନମିତା ଦାଶ, ନିକି ଡନସନା, ରୂପା ଡନସନା, ମୀନା ଦାଶ ଓ ଅନ୍ୟ ବନ୍ଧୁମାନଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ମଣି ମହାନନ୍ଦ ଶିଷ୍ୟମାନଙ୍କ ପୁଅ ଝିଅଙ୍କୁ ଚକୋଲେଟ ଦେଇଥିଲେ।



# ଚାରଭାଟି ଫଲସାଡ଼ିପାରେ ମକର ମେଳା ଓ ଯାତ୍ରା ସମ୍ପନ୍ନ



**ବ୍ରଜରାଜନଗର, ୧୭।୧(ସମିସ)**

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲୋଇସିଂହ ଗ୍ରାମପଞ୍ଚାୟତ ଚାରଭାଟି (ଫଲସାଡ଼ିପା) ଗ୍ରାମଠାରେ ୨୯ତମ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗ୍ରାମରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଅପରାହ୍ନ ସମୟରେ ଚାରଭାଟି ଗଉନ୍ତିଆ ପଡ଼ାଠାରୁ ମହାପ୍ରଭୁ ହରି ନାମସଂକୀର୍ତ୍ତନ ସହ ଭକ୍ତଙ୍କ ମେଳରେ ଫଲସାଡ଼ିପା ମକର ମଣ୍ଡପକୁ ପହଞ୍ଚିଥିଲେ। ମହାପ୍ରଭୁ ହରଙ୍କ ସହ ମକର ବସିଥିଲେ। ମକର ମଣ୍ଡପରେ ଉଭୟଙ୍କ ପୂଜାର୍ଚ୍ଚନା ପରେ ହରିହର ଭାବରେ ଏକ ସୁସଜ୍ଜିତ ରଥରେ ବିରାଜମାନ ହୋଇ ଗ୍ରାମ ପରିକ୍ରମା କରିଥିଲେ। ସଂଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ବିଜୁ ଜନତା ଦଳ ଝାରସୁଗୁଡ଼ାର ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ଗୌଡମାଲ ସରପଞ୍ଚ ରାଜକୁମାର ସାଏ, ଚାନ୍ଦିନିମାଲ ସରପଞ୍ଚ ଲକ୍ଷ୍ମୀ ମିଶ୍ର, ରାଜପୁର ପୂର୍ବତନ ସମିତିସଭ୍ୟ ଗଣେଶରାମ ବାଗ, ବରିଷ୍ଠ ବିଜେଡି ନେତା ହୃଦାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ମକର ଯାତ୍ରା କମିଟିର ସଭାପତି ହରିହର ପ୍ରଧାନ, ସମ୍ପାଦକ ସୁଶାନ୍ତ ଟେଲି, କୋଷାଧ୍ୟକ୍ଷ ଅମିତ ପ୍ରଧାନ, ପରିଚାଳକ ସଭ୍ୟ ସୁଶାନ୍ତ ପ୍ରଧାନ ଏବଂ ବେଲାଲସେନ ପ୍ରଧାନ ପରିଚାଳନା କରିବା ସହ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ସମରଖାଇ ଗ୍ରାମରେ ପଶି ଘର ଭାଙ୍ଗିଲେ ହାତୀପଲ

**ଦେବଗଡ଼, ୧୭।୧(ସମିସ):** ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ସମରଖାଇ ଗ୍ରାମରେ ହାତୀ ଉପଦ୍ରବରେ ବ୍ୟାପକ କ୍ଷୟକ୍ଷତି ଘଟୁଛି। ୩ଟି ହାତୀ ଗ୍ରାମରେ ପଶି ବହୁ ଚାଷୀଙ୍କ ଆଖି ପନିପରିବା କ୍ଷେତରେ ଖାଇ ନଷ୍ଟ କରିଛନ୍ତି। ତ୍ରିଲୋଚନ ସାହୁଙ୍କ ଫାର୍ମରେ ଥିବା ଏକ ଘର ଭାଙ୍ଗି ଦେଇଛନ୍ତି। ବନସଂରକ୍ଷିତ ବନ ବିଭାଗ ଫରେଷ୍ଟର ସୁବାସ ଦେହୁରୀ ସମରଖାଇ ଗ୍ରାମରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।



## ଅଲ୍‌ଟ୍ରାଟେକ କାରଖାନାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ

**କିର୍ମିରା, ୧୭।୧(ସମିସ):** ଅର୍ଡା ପଞ୍ଚାୟତ ଧୁତରା ନିକଟସ୍ଥ ଅଲଟ୍ରାଟେକ ସିମେଣ୍ଟ କାରଖାନା ପରିସରରେ କାରଖାନା ମୁଖ୍ୟ ପ୍ରବନ୍ଧକ କିଶୋର ମାଳବିୟଙ୍କ ଅଧ୍ୟକ୍ଷତାରେ ୧୧ତାରିଖରୁ ଉଦଘାଟିତ ସଡକ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଝାରସୁଗୁଡା ଆରଟିଓ ଡିବି ଶୁଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଏଚଆର ମୁଖ୍ୟ ଚିନ୍ମୟ ଦାସ, ସିଏସଓ ଦେବାନନ୍ଦ ବିଶ୍ୱାଳ, ପ୍ରଦୀପ ମହାନ୍ତି, ଆଭା ଟିଆଇ ପ୍ରକଳ୍ପର ପ୍ରତିମା ଏକ୍କା, ଗୁରୁଚରଣ ବାଗ (କାଉନସେଲର), ନମିତା ରାଉତ, ସୁଜିତ ରାଉତ, ହିମାଂଶୁ ଦାନୀ, ବିବେକ ବଡାଇକ, ଦୁଃଖବନ୍ଧୁ ବାଗ, ପିଏଲ ପ୍ରୀୟା ସିଂ ଯୋଗ ଦେଇଥିଲେ। ସଡକ ସୁରକ୍ଷା ସଚେତନତା ପାଇଁ ଏକ ବିରାଟ ରାଲି ସହ ସ୍ୱାସ୍ଥ୍ୟ ପରୀକ୍ଷା ଓ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଅର୍ଡା ଆଶ୍ରମ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଠରକସପୁର ବାବା ଲିଙ୍ଗେଶ୍ୱର ଶିବ ମନ୍ଦିରରେ ଶ୍ରୀଜଗନ୍ନାଥ ଧ୍ୱନି



**ବ୍ରଜରାଜନଗର, ୧୭।୧(ସମିସ):** ବିଶ୍ୱର ସମସ୍ତ ଜନସାଧାରଣଙ୍କ ପାଇଁ ପୁରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଛି। ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲୋଇସିଂହ ଗ୍ରାମପଞ୍ଚାୟତ ତରଫରୁ ଠରକସପୁରସ୍ଥିତ ବାବା ଲିଙ୍ଗେଶ୍ୱର ଶିବ ମନ୍ଦିରଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଲୋଇସିଂହ ଗ୍ରାମପଞ୍ଚାୟତର ସରପଞ୍ଚ ସନାତନ ରୋହିଦାସ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମରୁ ୩୦୦ରୁ ଅଧିକ ଶ୍ରୀଜଗନ୍ନାଥପ୍ରେମୀ ଉପସ୍ଥିତ ପୁରୀ ଶ୍ରୀମନ୍ଦିରରୁ ଲୋକାର୍ପଣ ଉତ୍ସବକୁ ଦେଖି ଆନନ୍ଦ ଓ କୃପା ଲାଭ କରିଥିଲେ। ପଞ୍ଚାୟତର ଏମ୍ ବିକେ ଅର୍ଚ୍ଚନା ପଟେଲ, ୱାର୍ଡସଭ୍ୟ ସୁନିଲ ବାରିକ, ମଦନ ରୋହିଦାସ, ଜିପିଏଲ୍ ଏଫ୍ ର ସଭାନେତ୍ରୀ ମୈଥିଳୀ ମେହେର ଏବଂ ସମ୍ପାଦିକା କେତକୀ ମାଝୀ ସମେତ ଇସି ସଦସ୍ୟା ସହଯୋଗ କରିଥିଲେ। ସମସ୍ତେ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତ ପ୍ରସାଦକୁ ସେବନ କରିଥିଲେ।

## ଯୁବକଙ୍କୁ ଛୁରାମାଡ଼, ଜଣେ ଅଟକ

**ବ୍ରଜରାଜନଗର, ୧୭।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଚଣ୍ଡୀ ମନ୍ଦିର ନିକଟ କତାବଗା ରୋଡ଼ ଠାରେ ଚୁନାଭଟାର ଅମିତ ମିଶ୍ର (୩୦)ଙ୍କୁ କିଛି ଦୁର୍ବୃତ୍ତ ଛୁରାରେ ମାରିଥିବା ଅଭିଯୋଗ ହୋଇଛି। ଦିନ ଦି'ପହରରେ ମନ୍ଦିର ପାଣି ଟାଙ୍କିଠାରେ ଅମିତ ଛିଡ଼ା ହୋଇଥିବା ବେଳେ କିଛି ଦୁର୍ବୃତ୍ତ ଆସି ବେକକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଅମିତ ଘଟଣାସ୍ଥଳରେ ଚିତ୍କାର କରୁଥିବା ବେଳେ କିଛି ସ୍ଥାନୀୟ ଯୁବକ ମଣ୍ଡଳିଆ କେନ୍ଦ୍ରୀୟ ହସ୍ପିଟାଲକୁ ନେଇଥିଲେ। ଅମିତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାରେ ପୁଲିସ ଜଣକୁ ଅଟକ ରଖିଛି।

## ବ୍ରଜରାଜନଗର ମୁଖ୍ୟ ମାର୍କେଟରୁ ମୃତଦେହ ଉଦ୍ଧାର

**ବ୍ରଜରାଜନଗର, ୧୭।୧(ସମିସ):** ବ୍ରଜରାଜନଗର ମୁଖ୍ୟ ମାର୍କେଟରେ ଥିବା ସନବିମ ଚପଲ ଦୋକାନ ଗଳି ନିକଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ରାତିରେ ଅମିତ କୁମାର ସିଂ (୪୦) ଖାଦ୍ୟ ନେବାପାଇଁ ରାଜକୁମାର ହୋଟେଲକୁ ଆସିଥିଲେ। ଫେରିବା ସମୟରେ ଦେହ ଅସୁସ୍ଥ ହୋଇଥିଲା। ଦେହ ଭଲ ନ ଲାଗିବାରୁ ସେ ହୋଟେଲ ନିକଟରେ ବସିରହିଥିଲେ। ତାଙ୍କୁ ଅନେକ ଲୋକ ସ୍ୱାସ୍ଥ୍ୟବସ୍ଥା ପଚାରିବାରୁ ଟିକେ ଭଲ ଲାଗିଲେ ଘରକୁ ଯିବି ବୋଲି କହିଥିଲେ। ରାତିରେ ସେଠାରେ ବସିରହିଥିବା ବେଳେ ସକାଳୁ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ସୂଚନା ପାଇ ଘଟଣାସ୍ଥଳକୁ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଅମିତଙ୍କ ପୂର୍ବରୁ ରାଏପୁରରେ ଚିକିତ୍ସା ଚାଲୁଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ କହିଛି।

## ବାଇକ୍ ଧକ୍କାରେ ଜଣେ ଗୁରୁତର

**କୋଲାବିରା, ୧୭।୧(ସମିସ):** ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ବାଇକ ଚାଳନା କରୁଥିବା ଯୋଗୁଁ ଅପରାହ୍ନରେ ଦୁର୍ଘଟଣାର ଶିକାର ହୋଇ ଜଣେ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅପରାହ୍ନ ସାଢେ ୩ଟା ସମୟରେ ଏକ ସ୍ପୋର୍ଟ୍ସ ବାଇକରେ ଝାରସୁଗୁଡା ଅଞ୍ଚଳର ଅନୁପ ପରୁଆ(୨୦) ଯାଉଥିବା ସମୟରେ ଏନଏଚ ୪୯ କୋଲାବିରା ପୋଷ୍ଟ ଅଫିସ ସାମନାରେ ଘଷିଆ ପଡ଼ାରେ ରିଙ୍କୁ ଶଣ୍ଢ (୪୫)ଙ୍କୁ ଧକ୍କା ଦେଇଥିଲା। ଉଭୟେ ରାସ୍ତାଜଡକୁ ଛିଟିକି ପଡ଼ିଥିଲେ। ରିଙ୍କୁଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। କୋଲାବିରା ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଉଭୟଙ୍କୁ ଉଦ୍ଧର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ଗୁରୁତର ଅବସ୍ଥାରେ ରିଙ୍କୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲା ବେଳେ ବାଇକ ଚାଳକ ଅନୁପଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକକୁ ପୁଲିସ ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ

**କୋଲାବିରା, ୧୭।୧(ସମିସ):** କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବିରାଟ ଟିଭି ପରଦାରେ ପୁରୀରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଦୃଶ୍ୟକୁ ସିଧାସଳଖ ପ୍ରଦର୍ଶିତ କରାଯାଇଥିଲା। ଜନସାଧାରଣଙ୍କୁ ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ ଦେଖିବାର ବ୍ୟବସ୍ଥା କରାଯାଇଥିଲା। ବିଡିଓ ଅଶ୍ୱିନୀ କୁମାର ପଣ୍ଡାଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁସଂଖ୍ୟକ ମହିଳା ପୁରୁଷ ଯୋଗଦେଇଥିଲେ। ଏଇଅବସରରେ ଏହି ମୁହୂର୍ତ୍ତକୁ ଅଧିକ ଭାବପୂର୍ଣ୍ଣ କରିବା ପାଇଁ ଜଗନ୍ନାଥ ସଂସ୍କୃତି ସହିତ ଜଡିତ ବିବିଧ ସାଂସ୍କୃତିକ ଓ ପ୍ରଚାରଧର୍ମୀ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା।

## ଝାରସୁଗୁଡ଼ା ଆଞ୍ଚଳିକ ବିକାଶ ପରିଷଦର ଆଲୋଚନାଚକ୍ର

**ଝାରସୁଗୁଡ଼ା, ୧୭ ।୧ (ସମିସ):** ଝାରସୁଗୁଡ଼ା ସହରର ମେଘଦୂତ ହୋଟେଲ୍‌ରେ ଆଜି ସନ୍ଧ୍ୟା ଛଅଟା ସମୟରେ ଝାରସୁଗୁଡ଼ା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଝାରସୁଗୁଡ଼ାର ବିଭିନ୍ନ ସମସ୍ୟା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବିକାଶ ପରିଷଦର ଅଧ୍ୟକ୍ଷ ମନମୋହନ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ଗଠନ ହେବାର ତିରିଶ ବର୍ଷ ପରେ ମଧ୍ୟ ଝାରସୁଗୁଡ଼ା ଜିଲ୍ଲା ରେ ଏକ ସରକାରୀ ମହାବିଦ୍ୟାଳୟ ମାନ୍ୟତା ପାଇଲା ନାହିଁ। ଏହା ଝାରସୁଗୁଡ଼ା ଜିଲ୍ଲା ପାଇଁ ଏକ ଦୁଃଖର ବିଷୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଝାରସୁଗୁଡ଼ା ସହର ଉପକଣ୍ଠରେ ପଚାଶ କୋଟି ବ୍ୟୟରେ ଝାରସୁଗୁଡ଼ା ସରକାରୀ ଡାକ୍ତରଖାନା ନିର୍ମାଣ ହୋଇଥିବାବେଳେ ଆଉଡରେ ଡାକ୍ତର ଶିଶୁ ନଥିବାର ଅଭିଯୋଗ ହେଉଛି। ଝାରସୁଗୁଡ଼ା ଜିଲ୍ଲାରେ ଅନେକେ ଶିକ୍ଷାନୁଷ୍ଠାନ ଗଢି ଉଠିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାର ପିଲାମାନଙ୍କୁ ନିଯୁକ୍ତି ଦେବା ପାଇଁ ଉପେକ୍ଷିତ କରାଯାଉଛି। ପରିମଳ ବ୍ୟବସ୍ଥା ନ କହିବା ଭଲ କାରଣ ଝାରସୁଗୁଡା ପୌର ପରିଷଦରେ ୨୪ଟି ୱାଡ କୁ ନେଇ ଗଠିତ ହୋଇଥିବା ବେଳେ ଝାରସୁଗୁଡ଼ା ମୁଖ୍ୟ ରାସ୍ତା ସଫାସୁତୁରା ହେଉଥିବା ବେଳ ବିଭିନ୍ନ ଗଳିକନ୍ଦିରେ ସଫାସୁତୁରା ଭଲ ଭାବରେ ହେଉନାହିଁ। ଶିକ୍ଷାନୁଷ୍ଠାନ ପକ୍ଷରୁ ଉନ୍ନୟନ କାମ ଝାରସୁଗୁଡ଼ା ରେ ଯେତିକି ହେବା କଥା ତାହା ହେଉନାହିଁ। ଏହି ଆଲୋଚନାଚକ୍ରରେ ବରିଷ୍ଠ ଆଇନଜୀବୀ ତ୍ରିନାଥ ଗୁଆଲ ନାରାୟଣ ମହାପାତ୍ର ବନ୍ଦନା ମୁନ୍ଦଡା ତପନ ମିଶ୍ର ବାଦଲ ଦାସ୍ ସଞ୍ଜୟ ମାଳି ନିମାଇଁ ଚରଣ ବେହେରା ପାରିଲାଲ ଶ୍ରୀ ବାସ୍ତବ ସମେତ ୨୫ରୁ ଅଧିକ କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ।



## ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନେଇ ବିଭିନ୍ନ କାର୍ଯ୍ୟକ୍ରମ




**ବ୍ରଜରାଜନଗର, ୧୭।୧(ସମିସ):** ଲୋକାର୍ପିତ ହୋଇଛି ମହାପ୍ରଭୁଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏହାକୁ ନେଇ ବ୍ରଜରାଜନଗର ପୌରପରିଷଦ ଅଞ୍ଚଳର ବିଭିନ୍ନ ସ୍ଥାନରେ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା। ବ୍ରଜରାଜନଗର ପୌର ପରିଷଦ ମୁଖ୍ୟ ବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ସହିତ ପୌର ଉପାଧ୍ୟକ୍ଷ,କାଉନସେଲର ପ୍ରମୁଖ ଉପସ୍ଥିତ ରହିଥିଲେ। ପୌର ପରିଷଦର ୱାର୍ଡ ନମ୍ବର ୨୨ ନୂଆଡ଼ିହିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟିକା ଅଳକା ମହାନ୍ତି, ପୌରାଧ୍ୟକ୍ଷା ଯଜ୍ଞସେନି ଓରାମ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ କାଉନସିଲରମାନେ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ନେଇ ଲୋକାର୍ପଣ ଉତ୍ସବ ରୂପେ ସମଗ୍ର ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଓ ପୌର ପରିଷଦରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପାଣି ପଞ୍ଚାୟତ ପରିଚାଳନା ପରିଷଦ ଗଠନ

**କୋଲାବିରା, ୧୭ ।୧(ସମିସ):** ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ଉଠା ଜଳସେଚନ ବ୍ୟବସ୍ଥାରେ ଆଉ ଏକ ପାଣି ପଞ୍ଚାୟତ ସାମିଲ ହୋଇଛି। ଆଉ ଏଥିପାଇଁ ଗଠନ କରାଯାଇଛି ପାଣି ପଞ୍ଚାୟତ ପରିଷଦ। ବିଭାଗୀୟ ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ନାହକଙ୍କ ତତ୍ୱାବଧାନରେ କୋଲାବିରା-୪ ପାଇଁ ଉଠାଜଳ ସେଚନ ସକାଶେ ଗଠନ କରାଯାଇଛି ଏକ କମିଟି। କରୁଣାକର ପାଣି ପଞ୍ଚାୟତ ନାମରେ ଗଠନ କରାଯାଇଥିବା ଏହି ପରିଷଦ ପାଇଁ ସର୍ବ ସମ୍ମତିକ୍ରମେ ସଭାପତି ପାଇଁ କୀର୍ତିଚନ୍ଦ୍ର ବହିଦାରଙ୍କୁ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବରେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ଏବଂ କେସିୟର ଭାବରେ ଦେବାଶିଷ ବେହେରାଙ୍କୁ ଚୟନ କରାଯାଇଛି। ପରିଷଦର ଅନ୍ୟାନ୍ୟ ସକ୍ରିୟ ସଦସ୍ୟ ଏବଂ ଉପଦେଷ୍ଟା ନିମନ୍ତେ ଗ୍ରାମର ଚେତାନନ୍ଦ ନଇ, ଗୋବିନ୍ଦ ଚନ୍ଦ୍ର ଭୋଇଅମୃତ ସିଂହ, ବିଜୟ କୁମାର ପୂଜାରୀ, ବଂଶିଧର ବୁଦୁଲା, ଶିବ ଶଙ୍କର କୁମୁରା, ଶିବାନନ୍ଦ ହୋତା, ସୁକାନ୍ତ ଶେଖର ବହିଦାର, ସହଦେବ କରାଳୀ, ଧର୍ମେନ୍ଦ୍ର ମହାପାତ୍ର, ସ୍ମୃତି ରଞ୍ଜନ ରାଏ, ଗଣେଶ ରାମ ମାଝୀ ପ୍ରମୁଖଙ୍କ ଚୟନ କରାଯାଇଛି।



## ଇଭିଏମ୍ ପ୍ରଦର୍ଶନ କେନ୍ଦ୍ର ଓ ସଚେତନତା ରଥ ଶୁଭାରମ୍ଭ

**ଦେବଗଡ଼, ୧୭।୧(ସମିସ):**ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଇଭିଏମ ଏବଂ ଭିଭିପ୍ୟାଟର ପ୍ରଦର୍ଶନ କେନ୍ଦ୍ର ଉଦଘାଟିତ ହେବା ସହ ଇଭିଏମ ଓ ଭିଭିପ୍ୟାଟ ସଚେତନତା ରଥର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଇଭିଏମ ଏବଂ ଭିଭିପ୍ୟାଟ ପ୍ରଦର୍ଶନ କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦେବଗଡ଼ ପୌରାଞ୍ଚଳର ପ୍ରତି ୱାର୍ଡ ସମେତ ଜିଲ୍ଲାର ତିଲେଇବଣି, ବାରକୋଟ ଓ ରିଆମାଳ ଆଦି ୩ଟି ଯାକ ବ୍ଲକର ଗାଁ ଗାଁ ବୁଲି ଇଭିଏମ ଏବଂ ଭିଭିପ୍ୟାଟ ପ୍ରଦର୍ଶନ ପୂର୍ବକ ଆଗାମୀ ସାଧାରଣ ନିର୍ବାଚନରେ ଏହାର ବ୍ୟବହାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। ସେହିପରି ଭୋଟରମାନେ ଇଭିଏମ ଏବଂ ଭିଭିପ୍ୟାଟ ପ୍ରଦର୍ଶନ କେନ୍ଦ୍ରକୁ ଆସି ଏହାର ବ୍ୟବହାର ଉପରେ ସବିଶେଷ ସୂଚନା ପାଇପାରିବେ ବୋଲି ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଉପଜିଲ୍ଲାପାଳ ପରକ୍ଷିତ ସାହୁ ଓ ନିର୍ବାଚନ ଅଧିକାରୀ ଏଜ୍‌ଲିନ୍ ବାରାଙ୍କ ସମେତ ବହୁ ଅଧିକାରୀ ଓ ରାଜନୈତିକ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିକାଶ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଦେବଗଡ଼, ୧୭।୧(ସମିସ):**ରିଆମାଳ ବ୍ଲକ ଗୁଣ୍ଡିଆପାଲି ପଞ୍ଚାୟତ କାର୍ଯ୍ୟାଳୟରେ ବିକାଶ ପାଉଣ୍ଡେସନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର, ସମ୍ମାନୀତ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ କୁମାର ଆଚାର୍ଯ୍ୟ, ତେନ୍ତୁଲାବାହାଲ ସରପଞ୍ଚ ବସନ୍ତ ବେହେରା, ତାବଡା ସମିତି ସଭ୍ୟା ରଞ୍ଜିତା ନାଥ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ବିଜେପି ଯୁବମୋର୍ଚ୍ଚା ସଦସ୍ୟ ସୁଧୀର ବ୍ରହ୍ମା, ପ୍ରଣତି ପାଣିଗ୍ରାହୀ, ଭୋଳେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥିତ ସୋମ ହସ୍ପିଟାଲର ୯ଟି ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଜନସାଧାରଣଙ୍କୁ ମାଗଣା ଚିକିତ୍ସା ସେବା ପ୍ରଦାନ କରାଯିବା ସହ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ୩୫୭ ଜଣ ରୋଗୀ ମାଗଣାରେ ଚିକିତ୍ସିତ ହୋଇଥିଲେ। ଗ୍ରାମାଞ୍ଚଳର ଲୋକଙ୍କୁ ହାତ ପାଆନ୍ତାରେ ସମ୍ପୂର୍ଣ୍ଣ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ଲକ୍ଷ୍ୟ ନେଇ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିବା ବିକାଶ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତି ଠାକୁର ଏହି ଅବସରରେ ପ୍ରକାଶ କରିଥିଲେ।



# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

**ଦେବଗଡ଼, ୧୭।୧(ସମିସ)**

ଜଳ ସମ୍ପଦ ବିଭାଗ ପକ୍ଷରୁ ବାରକୋଟ ବ୍ଲକ ରମ୍ପେଇ ଗ୍ରାମରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ଦେବଗଡ଼ କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ. ରଶ୍ମିରେଖା ଚତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା ଯୋଗଦେଇ ପ୍ରଦୀପ ପଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉନ୍ନତମାନର କୃଷି ଏବଂ କୃଷି ଉତ୍ପାଦନ ପାଇଁ ଉତ୍ତମ ଜଳସେଚନ ନିହାତି ଭାବେ ଆବଶ୍ୟକ ହେଉଥିବା ଏବଂ ଏହାକୁ ପୂରଣ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ଶ୍ରୀମତି ମୁଣ୍ଡା ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ରମ୍ପେଇ ସରପଞ୍ଚ ରଶ୍ମିତ ବେହେରା, ସମିତି ସଦସ୍ୟ ଅରୁଣ ପ୍ରଧାନ, ଦନ୍ତାରିବାହାଲ ସରପଞ୍ଚ ଝୁନୁ ବେହେରା,



କ୍ଷୁଦ୍ର ଜଳସେଚନ ବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଜେନା ଓ ବିମଳ ବାରା ଏବଂ ରମ୍ପେଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦାୟିତ୍ୱରେ ଥିବା ଯନ୍ତ୍ରୀ କରୁଣାକର ସୋହେଲା ପ୍ରମୁଖ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଜଳର ସର୍ବୋତ୍ତମ ଉପଯୋଗରେ ପାଣି ପଞ୍ଚାୟତର ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକଟି ଜଳ ବିନ୍ଦୁର ସୁବିନିଯୋଗ କରି କୃଷି ଉତ୍ପାଦନ କରିବା ପାଣି ପଞ୍ଚାୟତର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ଏହି ଅବସରରେ ଜଳସମ୍ପଦ ବିଭାଗର ଯନ୍ତ୍ରୀମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କଳାଜିରା ପାଣି ପଞ୍ଚାୟତ, ସୁନାପୋଷି- ଅର୍ଜୁନକଟା ପାଣି ପଞ୍ଚାୟତ ଏବଂ କଣ୍ଟାପାଲି ପାଣି ପଞ୍ଚାୟତର ସଦସ୍ୟ ଓ ବହୁ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ଜଳର ସୁବିନିଯୋଗ ପାଇଁ ଛାତ୍ରଛାତ୍ରୀଙ୍କ ମହଲରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଷୁଦ୍ର ଜଳସେଚନ ବିଭାଜନ ବିଭାଗର ଜୁନିୟର ଆସିଷ୍ଟାଣ୍ଟ ଅରୁଣ ପ୍ରଧାନ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ସମ୍ପୃକ୍ତ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୨୦ରେ ଜେଏନଭି ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା

**ପାଇକମାଲ, ୧୭।୧ (ସମିସ):** ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପ୍ରବେଶ ନିମନ୍ତେ ପ୍ରବେଶିକା ପରୀକ୍ଷା ଆସନ୍ତା ୨୦ ତାରିଖ ଶନିବାର ଅନୁଷ୍ଠିତ ହେବାକୁ ଯାଉଛି। ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ତ୍ରିପାଠୀଙ୍କ ସୂଚନା ଅନୁଯାୟୀ, ଏଥିରେ ବରଗଡ଼ ଜିଲ୍ଲାର ୬୮୬୦ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲା ବେଳେ ଏହି ପ୍ରବେଶିକା ପରୀକ୍ଷା ଜିଲ୍ଲାର ୧୨ଟି ବ୍ଲକରେ ଥିବା ୩୨ଟି ପରୀକ୍ଷା କେନ୍ଦ୍ରରେ ଦିନ ୧୧.୩୦ରୁ ୧.୩୦ ପର୍ଯ୍ୟନ୍ତ ପରୀକ୍ଷା ହେବ। ଛାତ୍ରଛାତ୍ରୀଙ୍କୁ ନିଜର ପରୀକ୍ଷା କେନ୍ଦ୍ରରେ ଦିନ ୧୦.୩୦ରେ ଉପଯୁକ୍ତ କାଗଜପତ୍ର ସହ ଉପସ୍ଥିତ ହେବାକୁ ପଡ଼ିବ। ଏହି ପ୍ରବେଶିକା ପରୀକ୍ଷା ନିମନ୍ତେ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ପଞ୍ଜୀକରଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଜଣାଇଛନ୍ତି।

# 'ପରିକ୍ରମା' ଲୋକାର୍ପଣରେ ବାନ୍ଧକଳା ଅର୍ପଣ



**ବରପାଲି,୧୭।୧ (ସମିସ)**

ବରପାଲି ବରିଷ୍ଠ ବାନ୍ଧଶିଳ୍ପୀ ଡ. ସୁରେନ୍ଦ୍ର ମେହେର ବୁଧବାର ଜଗନ୍ନାଥ ଧାମ, ଶ୍ରୀକ୍ଷେତ୍ରରେ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ନିଜ ହାତତିଆରି ବାନ୍ଧକଳାରେ ପ୍ରସ୍ତୁତ ଜୟ ଜଗନ୍ନାଥ ମହାପ୍ରଭୁଙ୍କ ନମୁନା ଅର୍ପଣ କରିଥିଲେ। ସପରିବାର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟ ପ୍ରଶାସକ ରଞ୍ଜନ ଦାସଙ୍କୁ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ଅଧିକାରୀଙ୍କ ସହ ବହୁ ଭକ୍ତ ଓ ବରିଷ୍ଠ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ। ଶିଳ୍ପୀ ଡ.ମେହେର ସପରିବାର ତିନି ଠାକୁରଙ୍କ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରି ନିଜକୁ ଧନ୍ୟ ମଣିଥିବା ଅନୁଭବ ପ୍ରକାଶ କରିଛନ୍ତି।

# ଭଟିଗାଁ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବରପାଲି,୧୭।୧ (ସମିସ):** ବରପାଲି ବ୍ଲକ ଭଟିଗାଁରେ ପଞ୍ଚଦିବସୀୟ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ଗ୍ରାମର ଶତାଧିକ ପୁରୁଷ ମହିଳା ଭକ୍ତମଣ୍ଡଳୀ ମାଁ ସମଲେଇ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଶୋଭାଯାତ୍ରାରେ ବାହାରିଥିଲେ। ପୂଜାକର୍ତ୍ତା ଭାବରେ ଗ୍ରାମ୍ୟ କମିଟି ସଭାପତି ଦୀପ୍ତିକୁମାର ସିଂହ ଓ ତାଙ୍କ ଧର୍ମପତ୍ନୀ ମୁଦୁଲି ସିଂହଙ୍କ ସମେତ ଭକ୍ତମାନେ ପହଞ୍ଚିଥିଲେ। ପଣ୍ଡିତ ରମେଶ ପୁରୋହିତଙ୍କ ଦ୍ୱାରା ସିଦ୍ଧିକାର୍ଯ୍ୟ ସମ୍ପନ୍ନ ପରେ କଳସ ମାନ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ଲୋକସଭା ସାଂସଦ ଡ. ପ୍ରଭାସ ସିଂହ, ଧନେଶ୍ୱର ସିଂ, ସରପଞ୍ଚ ହିମାଞ୍ଚଳ ସାହୁ, ସମିତିସଭ୍ୟ ଅନିରୁଦ୍ଧ ଭୁଏ, ଜିତେନ୍ଦ୍ର ଧରୁଆ, ପ୍ରକାଶ ବାରିକ, ଦେବେନ୍ଦ୍ର ଭୋଇ, ଚଞ୍ଚଳ ସାହୁ, ଘନଶ୍ୟାମ ସାହୁ, ସରୋଜ ଗଡତିଆଙ୍କ ସହ ବହୁ ବରିଷ୍ଠ ଗ୍ରାମବାସୀ ସାମିଲ ହୋଇଥିଲେ। ଆସନ୍ତା ୨୧ତାରିଖ ରବିବାର ଉତ୍ସବର ପୂର୍ଣ୍ଣାହୁତି ପର୍ବ ସହ ଉଦଯାପନୀ ଉତ୍ସବ ପାଳିତ ହେବ।



# ନୃସିଂହନାଥ କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ପାଇକମାଲ, ୧୭।୧ (ସମିସ):** ପାଇକମାଲ ଏମଇ ସ୍କୁଲ ଖେଳ ପଡିଆରେ ନୃସିଂହନାଥ କପ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପାଇକମାଲ ଥାନା



ଆଇଆଇସି ସୁଶାନ୍ତ କୁମାର ବଡେଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ ବାରିକ, ସାମ୍ବାଦିକ ସୁରଥ ସାହୁ, ସୁରେସଦ କାଲିଆ, ଅଧ୍ୟାପକ ପ୍ରଭାତ ବିଶ୍ୱାଳ, ଶିକ୍ଷକ ନାରାୟଣ ସାହୁ, କୁସୁମ ରାଓ ଯୋଗ ଦେଇଥିଲେ। ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୃସିଂହନାଥ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଯର୍ଶୀକୁ ଅତିଥିମାନେ ଉନ୍ମୋଚନ କରଥିଲେ। ୫ ଦିନିଆ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ବୁଧବାର ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ଖେଳ ପାଇକମାଲ ଓ ମହାରାଣୀ ମେରିପୁର ମଧ୍ୟରେ ପାଇକମାଲ ବିଜୟୀ ହୋଇଥିଲା। ୮ଟି ଦଳ ମଧ୍ୟରେ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ ପାଇକମାଲ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପରିଚାଳନା ଆଲୋକ ମିଶ୍ର ଓ ଅଟଳ ସରାଫ ଓ ପପୁ ବେହେରା କରଥିବା ବେଳେ ସ୍କୋରର ଥିଲେ ରବିନ୍ଦ୍ର ବେହେରା ଓ ଦିଲ୍ଲୀପ ପ୍ରଧାନ। କାକୁ କାଲିଆ, ଚନ୍ଦନ ପ୍ରଧାନ, ଅମନ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଶିଶିର ସାହୁ, ଦୀପକ ମିଶ୍ର, ଯାଦବ ସାହୁ, ବିନୟ ରାଉତ, ପ୍ରେମା ବରିହା, ଚିନ୍ମୟ ତ୍ରିପାଠୀ, ମୁସ୍ତାକିନ ମହମ୍ମଦ ଓ ପ୍ରିନ୍ସ ବହିଦାର ସହଯୋଗ କରିଥିଲେ।

## ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ

# ଗୁଲବର୍ଗା ସିଟି ଇଲେଭେନ ବିଜୟୀ

**ପଦ୍ମପୁର, ୧୭।୧ (ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆଠାରେ ବୋରାସମ୍ବର ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ୨୮ତମ ସର୍ବଭାରତୀୟ ବୋରାସମ୍ବର



କ୍ରିକେଟ କପର ଗ୍ରୁପ ବି'ର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀଲତା ଦଳ ଟସ୍ ଜିଣି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୨୦୧ ରନ୍ ସଂଗ୍ରହ କରିଥିଲା। ଗୁଲବର୍ଗା ଦଳ ୨୬.୫ ଓଭରରେ ୭ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରି ୩ ୱିକେଟ୍‌ରେ ବିଜୟୀ ହୋଇଥିଲେ। ପୁରସ୍କାର ବିତରଣୀ ଅବସରରେ ମୁଖ୍ୟଅତିଥି ଭାବରେ ବିଡିଓ ଚନ୍ଦ୍ରମଣି ନାଗ ଯୋଗଦାନ କରିଥିଲେ। ଅମ୍ପାୟାର୍ ଶ୍ୟାମସୁନ୍ଦର ପଣ୍ଡା ଓ ବିଶ୍ୱାମ୍ବର ମହାକୁଡ ପରିଚାଳନା କରିଥିବାବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ, ଏସ ଜୟକିସନ, କୁମାର ଆନନ୍ଦ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ଗ୍ରୁପ ବି ର ଦ୍ୱିତୀୟ ମ୍ୟାଚ୍ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ଏବଂ ଗୁଲବର୍ଗ ସିଟି ଇଲଏଭଏନ କର୍ଣ୍ଣାଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଆଞ୍ଚଳିକ ବ୍ରାହ୍ମଣ ସମାଜର ବାର୍ଷିକ ସଭା

**ଝାରବନ୍ଧ, ୧୭।୧(ସମିସ):** ଝାରବନ୍ଧ ବନ ଦୁର୍ଗାମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ସଭା ଝାରବନ୍ଧ ବ୍ଲକ ସଭାପତି ଝସକେତନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପାଇକମାଲ ବ୍ଲକ ବ୍ରାହ୍ମଣ ସମାଜର ସମ୍ପାଦକ ସତ୍ୟନାରାୟଣ ଯୋଷୀ, ଦେବରାଜ ପଣ୍ଡା, ରାଧେଶ୍ୟାମ ପଣ୍ଡା ମଞ୍ଚାସୀନ ଅତିଥି ଥିଲେ। କାର୍ଯ୍ୟକାରୀ ସଭାପତି ଡା ଲମ୍ବୋଦର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବସନ୍ତ ନନ୍ଦ, ମନୋହର ଦାଶ, ଦିବ୍ୟକିଶୋର ପଣ୍ଡା ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସମ୍ପାଦକ ଆନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# କଲ୍ୟାଣ ମଣ୍ଡପ ଭୂମିପୂଜାରେ ଯୋଗଦେଲେ ବିଧାୟିକା

**ପଦ୍ମପୁର, ୧୭।୧ (ସମିସ):** ପଦ୍ମପୁର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ତୈଳିକ ବୈଶ୍ୟ ସାହୁ ସମାଜ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର



ସ୍ଥାପନ କରାଯାଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବରେ ଭୂମିପୂଜନ ସଂପାଦନ କରିଥିଲେ। ବ୍ଲକ ସଭାପତି ଦିନେଶ୍ୱର ସାହୁ ଦମ୍ପତି କର୍ତ୍ତା ଥିଲା ବେଳେ ବିଜେଡି ରାଜ୍ୟ ସଂପାଦକ ରାଜୁ ଘିବେଲା, ତୈଳିକ ବୈଶ୍ୟ ସାହୁ ସମାଜ ଜିଲ୍ଲା ସଭାପତି ଭିକାରୀ ଚରଣ ସାହୁ, ପୂର୍ବତନ ସଭାପତି ମନୋରଞ୍ଜନ ସାହୁ, ଯୁଗ୍ମ ସଂପାଦକ ପ୍ରାଧ୍ୟାପକ ଡ. ବିରଞ୍ଚି ସାହୁ, ଆଇନ ପରାମର୍ଶଦାତା ରାଜକିଶୋର ସାହୁ, ନଗର ସଭାପତି ବିଶିକେଶନ ସାହୁ, ବ୍ଲକ ସଂପାଦକ ଶାନ୍ତନୁ ସାହୁ, ଉପସଭାପତି ପଞ୍ଚାନନ ସାହୁ ଯୋଗଦାନ କରିଥିଲେ। ସମାଜର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ବ୍ଲକ ସହ ସଂପାଦକ ବଳରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ଭଟଲି, ୧୭।୧ (ସମିସ):** ଭଟଲି ବିଦ୍ୟୁତ ବିଭାଗ ଆନୁକୂଲ୍ୟରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତ କର୍ମଚାରୀ ବିଭାଗୀୟ କାର୍ଯ୍ୟାଳୟରୁ ବିଭିନ୍ନ ସଚେତନତା ସ୍ଲୋଗାନ ତଥା ପ୍ଲାକାର୍ଡ ଧରି ବସଷ୍ଟାଣ୍ଡ ଛକ ପର୍ଯ୍ୟନ୍ତ ଆସିଥିଲେ। ସଭାରେ ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ ଲିମିଟେଡ଼ର ଅଧିକାରୀମାନେ 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ଉପରେ ଆଲୋକପାତ କରିଥିଲେ। ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ବିଜୟ କିଶାନ, କନିଷ୍ଠ ଯନ୍ତ୍ରୀ ନିତିନ ପଧାନ, ପ୍ରତାପ ବେହେରା, ଲାଇନମେନ୍ ସିଦ୍ଧେଶ୍ୱର ସାହୁ, ଜଗନ୍ନାଥ ମେହେର, ସିକନ୍ଦର ବାଗ, ସୁବଳ ଶତପଥୀଙ୍କ ସହ ବିଭିନ୍ନ ଗ୍ରିଡରୁ ଆସିଥିବା କର୍ମଚାରୀ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




ଶ୍ରୀଜଗନ୍ନାଥଙ୍କୁ କେବଳ ପୁରୀର ନୁହେଁ ଜଗତର ନାଥ ବୋଲି ଯେଉଁ ଭାଗ୍ୟବାନ ସପ୍ନରେ ବି ତାଙ୍କୁ ଦେଖି ମାନେ ସେ ହିଁ ଜଗତଜିତା। ଗଣପତି ଭଟ୍ଟ ଗଣେଶ ରୂପରେ, ସନ୍ଥ ତୁଳସୀ ଦାସ ଶ୍ରୀରାମ ରୂପରେ ତାଙ୍କୁ ଦର୍ଶନ ପାଇଥିଲା ବେଳେ କେବଳ ସନ୍ଥମାନେ ହିଁ ତାଙ୍କୁ **ଏକ ଦେବୋ ସର୍ବଭୁତେଷୁର** ଭେଦ ବୁଝି ନର ନାରାୟଣ ସେମାନଙ୍କ ପାଇଁ ଉପାସ୍ୟ ଦେବତା ଦିଅଁ ନୁହେଁ। ସେମାନେ **ନନାମାନବସାଦୟତେ** ଆପ୍ତବାଣୀ ମତେ ଅଯଥା କଥା ଅଯଥା କାମରେ ସମୟ-ଶ୍ରମ-ଅର୍ଥର ଦୁରୁପଯୋଗ ନ କରି ବଞ୍ଚିବାର ବ୍ୟାକରଣ ବୁଝି ନୈତିକ ସଂଶୋଧନ ପାଇଁ ଅନୀତିରେ ଅଙ୍କୁଶ ଲଗାଇ ନିମ୍ନମତେ ସମାଜ ସଂସ୍କାରକ।
୧) ସେମାନେ **ଧ୍ରୀୟତେ ଅନେନ ଇତି ଧର୍ମଃ**ର ଅନ୍ତରାର୍ଥ ମର୍ମ ବୁଝି **ସର୍ବଧର୍ମମ୍ ପରିତ୍ୟଜ୍ୟ** ବାଣୀକୁ ନମାନି ଧର୍ମର ତିନିଗୁଣ ସ୍ୱାଭାବିକ-କର୍ତ୍ତବ୍ୟ-ସଂପ୍ରଦାୟ ଗୁଣକୁ ଚଳନଶୀଳ ଦେହ ଦେବାଳୟର ସୁରକ୍ଷା ପାଇଁ ଏବଂ ଆଧାତ୍ମିକତା ଆତ୍ମାର ଅଧ୍ୟୟନ ପାଇଁ ଯାହାକି ଧର୍ମ ନୁହେଁ ବୋଲି ଠିକ୍ ବୁଝି ଯଥାର୍ଥରେ ଧର୍ମବନ୍ତ ଧର୍ମ ସୌଦାଗର ନୁହଁନ୍ତି।
୨) ସେହି ସଦାତ୍ମା ମାନେ ରାଜନୈତିକ ପୃଷ୍ଠପୋଷକତାରେ ସମାଜ ବଞ୍ଚିଛି ଠିକ୍ ଭାବେ ହୃଦୟଙ୍ଗମ କରନ୍ତି ସମାଲୋଚନା ନ କରି। ସେମାନେ ଚାଣକ୍ୟଙ୍କ ପରି ତଳୁ ଉପରକୁ ଉଠି କଥାରେ ନୁହେଁ କାମରେ କରି ଦେଖାଇ ଜାତି ପାଇଁ ଅବଦାନ ଦେଇ କ୍ଷମତା ପାଇବି **"ରାଜନୀତି ଅର୍ଥ ଶ୍ରେଷ୍ଠ ନୀତି"** ଏବଂ ନିଜ କ୍ଷମତାର ଶାସନ ଡୋରୀ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କୁ ଦେବା ପରି ସେମାନେ **"ରାଜ୍‌ନୀତି ଅର୍ଥ ଶାସନନୀତି"** ଭିତରେ ଅନ୍ତର ବୁଝାଇ ଦେଇ ସମାଜ ପାଇଁ ସ୍ମରଣୀୟ ନାମ।
୩) ପୁଣି ସେହି ମହାପୁରୁଷ ମାନେ ସାହିତ୍ୟର ଅର୍ଥ ସମାଜର ହିତ ବୁଝି ଏବଂ ସମାଜ ପାଇଁ ସ୍ୱସ୍ତିବାଚକ ବୁଝାନ୍ତି। ସେମାନେ କାଗଜ ଘଷ କରି ସାହିତ୍ୟ ସଭା ନାମରେ ପ୍ରହସନର ପାଂଶୁଳ ପର୍ବକୁ ବ୍ୟକ୍ତିଗତ ସାହିତ୍ୟଶାଳା ଭାବି ନାପସନ୍ଦ କରନ୍ତି ବରଂ ସନ୍ଥ କବି ଗଣଙ୍କ ପଂକ୍ତିର ଯୋଗ୍ୟତା ଥାଇ ଆବୃରି କରି ପାପୀ କୁ ନୁହେଁ ପାପକାର୍ଯ୍ୟକୁ ରୋକ୍ ଠୋକ୍ ବିରୋଧ କରନ୍ତି ନିମ୍ନ କବିତା ମତେ।

ସାରସ୍ୱତ ସାଧକତ ସରସ୍ୱତୀ ସୁତ, ବାକ୍ ବ୍ରହ୍ମ ତାର ସଞ୍ଜିବନୀ ବୁଟୀ
ଶଢଶିଳାରେ ତା ସାହିତ୍ୟ କୋଣାର୍କ ଜାତି ଜୈତ୍ର ଗାନ ପାଇଁ ମୂକସାକ୍ଷୀ।
ସାଧୁ ସମତାର କଲମ କାଠିରେ ସମାଜର ହିତ ଦିଗ୍ ଦର୍ଶନ ଥାଇ
ପରିବର୍ତ୍ତନର ଭାଷ୍ୟକାର ସାଜି ଇଷ୍ଟକୁ ଭୁଲି ସେ ନଷ୍ଟ ନ ହୋଇ।
ଆଗ୍ନିକ ତା ମସୀ ଅସୀ ଠାରୁ ତୀକ୍ଷ୍ଣ ବଦଳାଇ ଦିଏ ଇତିହାସ ମୋଡ
ତା ରଚିତ ଗ୍ରନ୍ଥ ମନ ଗ୍ରନ୍ଥୀ ଖୁନ୍ତୀ ଗାନ୍ଥୀ ଦେଇଯାଏ ଆନପାଇଁ ନୀଡ଼।

୧୯୮୦ ମସିହା ଠାରୁ ଓଡ଼ିଶାରେ ମାନବଧର୍ମର ପ୍ରବର୍ତ୍ତକ,
ବାରିପଦା, ଚଳଭାଷ-୯୪୩୯୪୮୦୦୦୦















ସକାଳ THE SAKALA
ଗୁରୁବାର
୧୮ ଜାନୁଆରୀ, ୨୦୨୪


# ଲୋକାର୍ପଣ ଉତ୍ସବରେ ପ୍ରସାଦ ବଣ୍ଟିଲେ ସିଦ୍ଧାର୍ଥ ସାହା

**ସମ୍ବଲପୁର, ୧୭।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ସିଧା ପ୍ରସାରଣ ଦେଖିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। କମିସନର କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୁଜା ଭଜନ, କିର୍ତ୍ତନ ହୋଇଥିଲା। ଏହି ଅବସରରେ ମ୍ୟୁନସିପାଲଟି ଛକ ହନୁମାନ ମନ୍ଦିର ନିକଟରେ ପୁର୍ବତନ ଉପ ନଗରପାଳ ତଥା ସମାଜିକ କର୍ମୀ ସିଦ୍ଧାର୍ଥ ସାହା ପକ୍ଷରୁ ମନ୍ଦିର ପରିସରରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଲୋକାର୍ପଣ ହେବା ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସିଦ୍ଧାର୍ଥ ସାହ, ଶିବ ପ୍ରଧାନ, ଶତ୍ରୁଘ୍ନଲାଲା ଶାହା ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରାୟ ୨ ହଜାର ଭକ୍ତଙ୍କ ସମାଗମ ହୋଇଥିଲା।



# ଅନାମିକା କ୍ଲବ୍ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତା

ସମ୍ବଲପୁର, ୧୭।୧(ସମିସ)

ବଡବଜାରସ୍ଥିତ ଅନାମିକା କ୍ଲବ ପକ୍ଷରୁ ୧୫ ତମ ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତା ଅନାମିକା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି କବାଡି ପ୍ରତିଯୋଗିତାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ସମ୍ବଲପୁରରୁ ୪ଟି ଦଳ ଭାଗ ନେଇଥିବାବେଳେ ଅନ୍ୟ ୮ଟି ଦଳ ଯଥାକ୍ରମେ କାଶଦା, ଝାରସୁଗୁଡା, ସୁନ୍ଦରଗଡ଼, ପିପିଲି, ରାଜଗାଙ୍ଗପୁର, କଟକ, ଦେବଗଡ଼ ତଥା ନୂଆପଡ଼ାର ଦଳ ଭାଗ ନେଇଥିଲେ। ଆଜିର ଉଦଘାଟନୀ ମ୍ୟାଚ୍ ରାଜଗାଙ୍ଗପୁର ଓ ବୀରବଜରଙ୍ଗ ମଧ୍ୟରେ ଖେଳାଯାଇଥିଲା। ଏହି ଉଦଘାଟନୀ ମ୍ୟାଚରେ ବୀରବଜରଙ୍ଗ ୩୩ ପଏଣ୍ଟରେ ବିଜୟୀ ହୋଇଥିଲା। ଉଦଘାଟନୀ ମ୍ୟାଚରେ ସିଆରପିଏଫ ଡିଆଇଜି ସଞ୍ଜୟ କୁମାର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜେଶ ସେଟ୍, ଭଜନ ତରିଆ, ରାମଦାସ ପଣ୍ଡା, ଆନନ୍ଦ ପତି, ଗୀତା କଂସାରୀ, ସନ୍ତୋଷିନୀ ଭୁନିୟ, ପ୍ରଶାନ୍ତ ସେଟ୍ ଓ ଇନ୍ଦ୍ରଜିତ ବାଗ ଖେଳ ପରିଚାଳନା କରିଛନ୍ତି। ତେବେ ଆଜି ପ୍ରଥମ ଦିନରେ ଲିଗ୍ ମ୍ୟାଚ୍ ରହିଥିବାବେଳେ ଶେଷ ଲିଗ ମ୍ୟାଚରେ ସକାଳ ସମ୍ବଲପୁର ଶାଖା ପରିଚାଳକ ନରୋତ୍ତମ ଗୁରୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ନ୍ୟୁଜ୍ ୭ର ସମ୍ବଲପୁର ବ୍ୟୁରୋ ଚିଫ୍ ଗୁଣମଣି ବିଶ୍ୱାଲ, ସମାଜସେବୀ ଦୀପକ ପାଣ୍ଡେ, ଅନ୍ତର୍ଜାତୀୟ କବାଡି ଖେଳାଳୀ ଭୀମ ବରାଲ, ଜିଲ୍ଲା ଯୁବ ବିଜେଡିର ଉପସଭାପତି କିଶୋର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନାମିକା କ୍ଲବର ସଭାପତି ସଞ୍ଜୟ କୁମାର, ଉପସଭାପତି ଦିନେଶ ସେଟ୍ ଓ ବ୍ରହ୍ମାନନ୍ଦ ରାଉତ୍, ସାଧାରଣ ସମ୍ପାଦକ ରାଜେଶ ସାହୁ, ସହ ସମ୍ପାଦକ ଅବିନାଶ ମିତ୍ର, ସନ୍ତୋଷିନୀ ସାହୁ, ରଞ୍ଜନ ସାହୁ, ଉପଦେଷ୍ଟା ସରୋଜ ସାହୁ, ଘନ ପଟେଲ, ବାଦଲ ସେନ୍ଦ୍ରୀୟା, ବନମାଳୀ ସେଟ୍ ପ୍ରମୁଖ ଉପସ୍ଥିତ ରହି ସୁନ୍ଦର ଖେଳ ଆୟୋଜନ କରିଛନ୍ତି।





# ଲଖନପୁରରେ ପଶୁପାଳନ ସହାୟତା କେନ୍ଦ୍ରର ନିର୍ମାଣ ପାଇଁ ଏମ୍‌ସିଏଲ୍ ପକ୍ଷରୁ ଚୁକ୍ତି ସ୍ୱାକ୍ଷର

**ବୁର୍ଲା, ୧୭।୧(ସମିସ):** ଲଖନପୁର ବ୍ଲକରେ ଦୁଇଟି ନୂତନ ପଶୁପାଳନ ସହାୟତା କେନ୍ଦ୍ରର କୋଠା ନିର୍ମାଣ ପାଇଁ ଏମସିଏଲ୍ ଆଜି ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହ ଏକ ଏମଓୟୁ ବା ସ୍ମାରକପତ୍ର ସ୍ୱାକ୍ଷର କରିଛି। ଏହାର ସିଏସ୍‌ଆର ପଦକ୍ଷେପରେ ପାଣ୍ଡ୍ରି ଏବଂ ରେମଟା ଗ୍ରାମ ପଞ୍ଚାୟତରେ ନୂତନ ପଶୁପାଳନ ସହାୟତା କେନ୍ଦ୍ର ନିର୍ମାଣ ପାଇଁ ଏମସିଏଲ୍ ୩୦ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରିବ। ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀ ଏବଂ ଏମସିଏଲ୍ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ମ୍ୟାନେଜରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଗ୍ରାମ ପଞ୍ଚାୟତ ସ୍ତରରେ ପ୍ରାଣୀ ଚିକିତ୍ସା ଏବଂ ପଶୁପାଳନ ସେବା ବିତରଣ ଯନ୍ତ୍ରର ଏକ ଅଂଶ ଭାବେ ଏହି ପଶୁପାଳନ ସହାୟତା କେନ୍ଦ୍ର ଟୀକାକରଣ, କୃତ୍ରିମ ପ୍ରଜନନ, କାଷ୍ଟ୍ରେସନ୍ ଓ ଅନ୍ୟାନ୍ୟ ସେବା ପ୍ରଦାନ କରେ। ସର୍ବାଧିକ କୋଇଲା ଉତ୍ପାଦନକାରୀ କମ୍ପାନୀ ଏମସିଏଲ୍ ଏହାର ସିଏସଆର୍ ପଦକ୍ଷେପରେ ପୂର୍ବରୁ ଲଖନପୁର ବ୍ଲକରେ ଅବସ୍ଥିତ ୮ଟି ପଶୁପାଳନ ସହାୟତା କେନ୍ଦ୍ରଗୁଡ଼ିକର ମରାମତି ଏବଂ ନବୀକରଣ ପାଇଁ ୬୪ ଲକ୍ଷ ୯୭ ହଜାର ଟଙ୍କା ଧାର୍ଯ୍ୟ କରିଛି।

# ସମ୍ବଲପୁର ବିଜେପି ପକ୍ଷରୁ ଲଡୁ ତିଆରି



**ସମ୍ବଲପୁର, ୧୭।୧ (ସମିସ) :** ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ଥିବା ବେଳେ ଅଲୌକିକ, ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଇଛି। ଏହି ଦିନଟିକୁ ସମସ୍ତେ ନିଜ ନିଜ ହିସାବରେ ନିଆରା ଢଙ୍ଗରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମନ୍ଦିର ଗୁଡ଼ିକରେ ପୂଜାର୍ଚ୍ଚନା, ଭଜନ, କୀର୍ତ୍ତନ, ପ୍ରସାଦ ବଣ୍ଟନ କାର୍ଯକ୍ରମ ସହିତ ସମସ୍ତେ ନିଜ ନିଜ ଘରେ ଦିପୋତ୍ସବ ପାଳନ କରିବେ। ଏହା ବ୍ୟତୀତ ବହୁ ଅନୁଷ୍ଠାନ ପ୍ରତିଷ୍ଠାନ ବ୍ୟକ୍ତି ବିଶେଷ ବିବିଧ କାର୍ଯ୍ୟକ୍ରମଗୁଡିକ ମଧ୍ୟ ଆୟୋଜନ କରିବେ। ଏହି ମର୍ମରେ ସମ୍ବଲପୁର ବିଜେପି ସମ୍ବଲପୁର ବିଧାନସଭା କ୍ଷେତ୍ର ପକ୍ଷରୁ ୫୧ କ୍ୟୁଣ୍ଟାଲ ବୁନ୍ଦି ଲଡ୍ଡୁ ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନେଇଛି। ଏଥି ପାଇଁ ଆଜି ଲଡ୍ଡୁ ତିଆରିର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଧନକଉଡ଼ା ସ୍ଥିତ ସାକ୍ଷୀଗୋପିନାଥ ମଣ୍ଡଳ ସଭାପତି ସରୋଜ କୁମାର ଘଡେଇଙ୍କ ବାସଭବନରୁ ଏହାର ଶୁଭାରମ୍ଭ ହୋଇଛି। ଜିଲ୍ଲା ସଭାପତି ଗିରିଶ ପଟେଲ ପ୍ରଥମେ ବୁନ୍ଦି ଛାଣି ଏହାର ଆରମ୍ଭ କରିଥିଲେ। ଏହି ଭଳି ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାତ ଟି ଯାକ ମଣ୍ଡଳରେ ଅନୁରୂପ କାର୍ଯ୍ୟ ସମ୍ପାଦନ କରିବାକୁ ବିଜେପି ନିଷ୍ପତ୍ତି ନେଇଛି। ଏହି ପୁଣ୍ୟ ପବିତ୍ର କାମରେ ମାନସ ରଞ୍ଜନ ବକ୍ସି, ପିଣ୍ଟୁ ଓରାମ, ଯୁଗଲ ରେ‡ୀ, ପ୍ରଦିପ କୁମାର ବେହେରା, ଟେକଧର କର, ସୁରେଶ ଶର୍ମା, ଟୁକୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହାୟତାର ହାତ ବଢ଼େଇଛନ୍ତି।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଜନେସ୍ ଆସୋସିଏଟ୍ ସମ୍ମିଳନୀ

**ବୁର୍ଲା, ୧୭।୧(ସମିସ):** ବିଜନେସ ଆସୋସିଏଟଙ୍କ ସହ ଦୀର୍ଘକାଳୀନ ଭାଗିଦାରୀ ଗଠନ କରିବା ସହ ସମ୍ପର୍କକୁ ସଶକ୍ତ କରିବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଜାନୁଆରୀ ୧୦ରେ ସମ୍ବଲପୁରର ଗ୍ରାଣ୍ଡ ଶିବା ହୋଟେଲରେ ବିଜନେସ ଆସୋସିଏଟ ସମ୍ମିଳନୀ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ମୁଖ୍ୟ ବିତ୍ତୀୟ ଅଧିକାରୀ, ବ୍ୟବସାୟିକ ମୁଖ୍ୟ ଏବଂ ଠିକା ଓ ଷ୍ଟୋର ବିଭାଗ ମୁଖ୍ୟ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଓଡ଼ିଶାରେ ବିତରଣ ବ୍ୟବସାୟ ପାଇଁ ଆବଶ୍ୟକୀୟ ଉପକରଣ ଉତ୍ପାଦନ ସକାଶେ ଏକ ନୂତନ ୟୁନିଟ ପ୍ରତିଷ୍ଠା କରିବା ସହ ନିରାପଦ ଓ ନୈତିକ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସିଇଓ ଶ୍ରୀ ଗଜାନନ କାଲେଙ୍କ ଟିପ୍ପଣୀକୁ ବିଜନେସ ଆସୋସିଏଟମାନେ ସ୍ୱାଗତ କରିଥିଲେ। ଏହା ସହ ନୂଆ ବ୍ୟବସାୟ ୟୁନିଟରେ ସିଙ୍ଗଲ ୱିଣ୍ଡୋ କ୍ଲିୟରେନ୍ସକୁ ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ୧୧/୩୩ କେଭି ଅପରେସନ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସିକ୍ୟୁରିଟି, ବାହନ, ହାଉସ କିପିଂ, ଆତିଥେୟ ଆଦି ସେବାରେ ନିୟୋଜିତ ୮୦ରୁ ଉର୍ଦ୍ଧ୍ୱ ବିଜନେସ ଆସୋସିଏଟ ଯୋଗ ଦେଇଥିଲେ। କମ୍ପାନୀର ଏହି ପଦକ୍ଷେପରେ ଓଡ଼ିଶାରେ ୮, ୫୦୦ ଲୋକଙ୍କୁ ନିଯୁକ୍ତି ମିଳିଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମୁଖ୍ୟ ଯୋଗ ଦେଇ ନିଜ ମତ ରଖିଥିଲେ। ବିଏଙ୍କ ଅସୁବିଧା ଓ ଅଭିଯୋଗ ନେଇ ଏକ ଖୋଲା ଆଲୋଚନାର ସୁଯୋଗ ମିଳିଥିବାରୁ ବିଜନେସ ଆସୋସିଏଟମାନେ ଖୁସି ବ୍ୟକ୍ତ କରିଥିଲେ। କ୍ରୟ ବିଭାଗ ମୁଖ୍ୟ ଶ୍ରୀ ସମ୍ବିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଯୁବ ମହୋତ୍ସବରେ ମାସୁଦ, ସାହିଲ

**ସମ୍ବଲପୁର, ୧୭।୧(ସମିସ):** ସମ୍ବଲପୁର ଦୁଇ ଜଣ ଛାତ୍ର ଜାତୀୟ ଯୁବ ମହୋତ୍ସବରେ ଯୋଗ ଦେବାକୁ ଚୟନ ହୋଇଛନ୍ତି। ମହାରାଷ୍ଟ୍ର ନାଶିକରେ ୨୭ତମ ଜାତୀୟ ଯୁବ ମହୋତ୍ସବ ହେବ। ସରକାରୀ ନେତାଜୀ ସୁବାଷ ଚନ୍ଦ୍ର



ବୋଷ ମହାବିଦ୍ୟାଳୟର ବାଣିଜ୍ୟ ସ୍ନାତକୋତ୍ତର ବିଭାଗର ଅନ୍ତିମ ବର୍ଷର ଛାତ୍ର ମାସୁଦ ଆଲମ୍ ଓ ସାହିଲ ଦାସ ଏଥର ଜାତୀୟ ଯୁବ ମହୋତ୍ସବରେ ସମ୍ବଲପୁରକୁ ପ୍ରତିନିଧିତ୍ୱ କରିବେ। ମାସୁଦ ଆଲମ୍ ଯୁବ ସମ୍ମିଳନୀକୁ ପ୍ରତିନିଧିତ୍ୱ କରୁଥିବା ବେଳେ ସାହିଲ ଦାସ ସାଧାରଣ ବିଷୟବସ୍ତୁ ଉପରେ ପ୍ରତିନିଧିତ୍ୱ କରୁଛନ୍ତି। ଭାରତ ସରକାରଙ୍କ କ୍ରୀଡା ଏବଂ ଯୁବ କଲ୍ୟାଣ ବିଭାଗ ଦ୍ୱାରା ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ବାର୍ଷିକରେ ପ୍ରତିବର୍ଷ ଜାତୀୟ ଯୁବ ମହୋତ୍ସବ ଆୟୋଜିତ ହୋଇଥାଏ।

# ଗଙ୍ଗାଧର ମେହେର ମହାବିଦ୍ୟାଳୟ ୧୯୭୫ ବ୍ୟାଚ୍‌ର ବନ୍ଧୁମିଳନ

**ସମ୍ବଲପୁର, ୧୭।୧(ସମିସ):** ଗଙ୍ଗାଧର ମେହେର ବିଦ୍ୟାଳୟର ୧୯୭୫ ବ୍ୟାଚ୍‌ର ଏକ ବନ୍ଧୁ ମିଳନ ଅୟୋଜନ ହୋଇଯାଇଛି। ପୂର୍ବରୁ ଦିବଙ୍ଗତ ବନ୍ଧୁ ତଥା ବାନ୍ଧବୀ ପ୍ରେମକୁମାର ସିହାନା, ସୁରେନ୍ଦ୍ର ଆଚାରୀ, କେଦାର ସାହୁ, ରୀତା ଦେବୀ, ସବିତା ପଣ୍ଡା, ଗୌର ପୁରୋହିତ ଏବଂ ବ୍ରଜେଶ୍ୱରୀ ସୂପକାରଙ୍କ ନିର୍ଦ୍ଦେଶରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ବନ୍ଧୁ ମିଳନରେ ବର୍ତ୍ତମାନ ପର୍ଯ୍ୟନ୍ତ ସଂଗ୍ରହୀତ ଅର୍ଥ କୌଣସି ଗରୀବ ତଥା ମେଧାବୀ ଛାତ୍ରଙ୍କୁ ଅଧ୍ୟୟନ ପାଇଁ ପ୍ରଦାନ କରାଯିବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଉପସ୍ଥିତ ବନ୍ଧୁମାନେ ପୁରୁଣା ସ୍ମୃତିକୁ ମନେ ପକେଇଥିଲେ। ଆସନ୍ତା ବର୍ଷ ବନ୍ଧୁମିଳନରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବା ପାଇଁ ଏକ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ବନ୍ଧୁ ମିଳନରେ ଡ. କୋଦଣ୍ଡ ରାଓ, ଡ. ବିଜୟ ପ୍ରଧାନ, ସୁଧୀର ମିଶ୍ର, ଅମୂଲ୍ୟ ମିଶ୍ର, ସୀତାଂଶୁ ତ୍ରୀପାଠୀ ପ୍ରମୂଖ ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ।

# ହୋମିଓପାଥି କଲେଜରେ ଲୋକାର୍ପଣ ଉତ୍ସବ

**ସମ୍ବଲପୁର, ୧୭।୧ (ସମିସ):** ମାଝିପାଲିସ୍ଥିତ ସରକାରି ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଠାରେ ଓଡ଼ିଶା ସରକାରଙ୍କ ନୂଆ-ଓ ଆଇ.ୱାଇ.ଡି.ପି ଅଧୀନରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପରିପ୍ରେକ୍ଷୀରେ ଏକ କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ଏହା ମହାବିଦ୍ୟାଳୟ ପ୍ରିନ୍ସିପାଲ ଡା. ଦିପ୍ତିକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ତତ୍ ସହିତ ଆଇ.ୱାଇ.ଡି.ପି ନୋଡାଲ ଅଫିସର୍ ଡା. ମହେନ୍ଦ୍ର ଧରୁଆ, ସାମାଜିକ ସେବା ଗିଲ୍ଡର ପରାମର୍ଶଦାତା ଡ଼ା. ଆଶିଷ କୁ. ଶ୍ରୀବାସ୍ତବ, ଡା. ନିବେଦିତା ଶତପଥୀ, ଡା. ସସ୍ମିତା ରାଣୀ ବେଉରା, ଡା. ଆରତୀ କୁମାରୀ ସାହୁ ଏବଂ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଏଥିରେ କଲେଜର ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ଲୋକ ଉପସ୍ଥିତରହି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ସିଧାପ୍ରସାରଣ ଦେଖିଥିଲେ।



# କାରକୁ ଧକ୍କାଦେଲା ଟ୍ରାକ୍ଟର, ୨ ଆହତ

**ସମ୍ବଲପୁର, ୧୭।୧(ସମିସ):** ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥ ଖଣ୍ଡୁଆଳ ଗ୍ରାମ ନିକଟରେ କାର ଓ ବିଦ୍ୟୁତ ଖୁଣ୍ଟ ପୋତିବା କାମରେ ବ୍ୟବହାର ଟ୍ରାକ୍ଟର ମଧ୍ୟରେ ଧକ୍କା ହୋଇଛି। ଫଳରେ କାରରେ ଥିବା ଦୁଇଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଝାରସୁଗୁଡା ଜିଲ୍ଲା କଟପାଲିର ଟିକୁ ସେଟ ଓ ସିଲୁ ସେଟ। ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ପହଞ୍ଚି ଉଦ୍ଧାର କରି ଗୁରୁତର ଅବସ୍ଥାରେ ଜିଲ୍ଲା ସଦର ଡାକ୍ତରଖାନା ନେଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଯୋଗ୍ୟଯେ, ଝାରସୁଗୁଡା କଟାପାଲିର ଟିକୁ ଓ ସିଲୁ ହୁମା ବିମଶ୍ୱେର ବାବାଙ୍କ ଦର୍ଶନ କରି ଫେରୁଥିଲେ। କାର ଠିକ ଭାବେ ରାସ୍ତାରେ ଯାଇଥିଲା। ଟ୍ରାକ୍ଟର ଏମପି-୩୦- ଏବି-୩୭୬୭ ସାମ୍ନାରୁ ଆସି ଧକ୍କା ଦେଇଥିଲେ।

# କଫ୍ ସିରପ ଜବତ, ୨ ମହିଳା ସମେତ ୫ ଗିରଫ

**ସମ୍ବଲପୁର, ୧୭।୧(ସମିସ):** ସମ୍ବଲପୁର ପୁଲିସ କଫ ସିରଫ କାରବାର କରୁଥିବା ଏକ ର୍‌ୟାକେଟ୍‌ର ପର୍ଦ୍ଦାଫାସ କରିଛି। ଘଟଣାରେ ୨ ଜଣ ମହିଳାଙ୍କ ସମେତ ୩ ଜଣ ଯୁବକ୍‌ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନଥାନା ବୈଦନାଥଛକରେ ମହେଶ ସାହୁ, ସାହୁ କଲୋନୀର ସୋନୁ ସୋନାର, ମହିଳା ଉମାକାନ୍ତ ଦାସ, ଶୁଭଦ୍ରା ବେହେରା ଓ ପଶ୍ଚିମବଙ୍ଗ ହାୱାଡା ସୌରଭ। ଅଭିଯୁକ୍ତମାନଙ୍କ ନିକଟରୁ ୨୦୦ ବୋତଲ କଫ ସିରଫ ଜବତ କରିଛି। ଏନେଇ ଅଇଁଠାପାଲି ଥାନାରେ ମାମଲା ରୁଜୁ ହୋଇ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମହେଶ, ସୋନୁ ବାଇକରେ ବୁଲି କଫ ସିରଫ ବିକ୍ରି କରୁଥିଲେ। ପୁଲିସ ସନ୍ଦେହ କରି ଗିରଫ କରିଥିଲା। ପରେ ପଚରାଉଚୁରା କରିବାରୁ କଫ ସିରଫ ଷ୍ଟକ ଥିବା ଘର ଉପରେ ଚଡାଉ କରିଥିଲା।

# ଜାନୁଆରୀ ୨୧ରେ ସେତୁର ପୁସ୍ତକମେଳା

**ସମ୍ବଲପୁର, ୧୭।୧(ସମିସ):** ସମ୍ବଲପୁରର ଅଇଁଠାପାଲି ସ୍ଥିତ ବିର୍ସାମୁଣ୍ଡା (ପିଏଚଡି ପଡ଼ିଆ)ରେ ଆସନ୍ତା ୨୧ରୁ ୨୯ ତାରିଖ ପର୍ଯ୍ୟନ୍ତ ପୁସ୍ତକମେଳା ଆୟୋଜିତ ହେବ। ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଓ ସେତୁ ଅନୁଷ୍ଠାନ ସହଯୋଗରେ ଏହି ପୁସ୍ତକମେଳା ହେବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ପୁସ୍ତକମେଳା ଉଦ୍‌ଘାଟନ କରିବେ ବୋଲି ସେତୁ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତଙ୍କ ପାଇଁ ବହି ଏହି ପୁସ୍ତକମେଳାର ମୁଖ୍ୟ ପ୍ରସଙ୍ଗ। ଏହି ମେଳାରେ ଏନବିଟି ଇଣ୍ଡିଆ, ସାହିତ୍ୟ ଅକାଦମୀ, ପବ୍ଲିକେଶନ ଡିଭିଜନ, କେମ୍ବ୍ରିଜ ବୁକ୍ସ, ଗୀତା ପ୍ରକାଶନୀ, ବୁକ୍‌ମେଟ ପବ୍ଲିଶିଂ ସମେତ ୧୦୦ରୁ ଉର୍ଦ୍ଧ୍ୱ ରାଜ୍ୟ ଓ ରାଜ୍ୟ ବାହାରର ବିଶିଷ୍ଟ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଅଂଶଗ୍ରହଣ କରିବେ। ପୁସ୍ତକ ମେଳାରେ ପ୍ରବେଶ ନିଃଶୁଳ୍କ ଅଟେ। ଏହି ଉପଲକ୍ଷେ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ବିଶିଷ୍ଟ ଲେଖକଙ୍କୁ ଭେଟିବାର ସୁଯୋଗ ମିଳିବ। ପିଲାମାନଙ୍କ ପାଇଁ ପଟ୍ଟଚିତ୍ର ଅଙ୍କନ ଅଧିବେଶନ, ଇକ୍କତ କଳା କର୍ମଶାଳା ଆଦି କାର୍ଯ୍ୟକ୍ରମ ସହ ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ସମ୍ବଲପୁର ବିଶ୍ୱବିଦ୍ୟାଳୟର 'ଅସର' ସର୍ଭେ

# ଡିଜିଟାଲ ଟାସ୍କରେ ଆଗରେ ପୁରୁଷ

ବୁର୍ଲା, ୧୭।୧(ସମିସ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଅସର ସର୍ଭେରେ ୨୦୨୩ର ଫଳାଫଳ ପ୍ରକାଶ ପାଇଛି। ସବୁକ୍ଷେତ୍ରରେ ମହିଳା ପଛରେ ରହିଛନ୍ତି। ଭାରତର ଯୁବକ ଯୁବତୀମାନେ ବର୍ତ୍ତମାନଙ୍କ ଗତିବିଧି, ସାଧାରଣ ଓ ବ୍ୟବହାରିକ ପଠନ ଓ ଗଣିତର ଦକ୍ଷତା, ସ୍ମାର୍ଟଫୋନ୍ ଅଛି ଓ ଏହାର ବ୍ୟବହାର ଜଣିଛନ୍ତି, ସହଜ କାମ କରୁଛନ୍ତି କି ନାହିଁ ପ୍ରଭୃତି ଉପରେ ସର୍ଭେ ହୋଇଥିଲା। ସମ୍ବଲପୁରରେ ୭୮.୧%, ୧୪-୧୮ ବର୍ଷର ଯୁବକଯୁବତୀ ଯେକୌଣସି ଶିକ୍ଷା ସଂସ୍ଥାନରେ ପଞ୍ଜିକୃତ ଅଛନ୍ତି ଓ ୭୯.୨% ଯୁବକ ଯୁବତୀ ସରକାରୀ ସଂସ୍ଥାନରେ ପଞ୍ଜିକୃତ ଅଛନ୍ତି। ୨୧.୯% ଯୁବକଯୁବତୀ କୌଣସି ସ୍ଥାନରେ ପଞ୍ଜିକୃତ ହୋଇନାହାନ୍ତି। ୧୪-୧୬ ବର୍ଷ ତୁଳନାରେ ୧୭-୧୮ ବର୍ଷ ଯୁବକଯୁବତୀମାନଙ୍କ ପାଇଁ ଅଧିକ ଅଛନ୍ତି। ୧୭-୧୮ ବର୍ଷ ଯୁବକଯୁବତୀ ମାନଙ୍କ ମଧ୍ୟରେ ୩୭.୫% ପୁରୁଷ ଓ ୪୪.୯% ମହିଳା କେଉଁଠାରେ ମଧ ପଞ୍ଜିକୃତ ନାହାନ୍ତି। ଏହା ସହିତ ୫.୨% ବ୍ୟବସାୟିକ ତାଲିମ୍‌ରେ ପଞ୍ଜିକୃତ ଅଛନ୍ତି। ୩୨.୬% କୌଣସି କାମରେ (ଘର କାମ ବ୍ୟତୀତ) ସର୍ଭେ ପୁର୍ବରୁ ଏକ ମାସ ରେ ୧୫ ଦିନରୁ ଅଧିକ ନିଯୁକ୍ତ ଅଛନ୍ତି। ସେହିପରି ସମ୍ବଲପୁର ଜିଲ୍ଲାର ୧୪-୧୮ ବର୍ଷର ସମସ୍ତ ଯୁବକଯୁବତୀଙ୍କ ମଧ୍ୟରୁ ୭୭.୫% ଅସର୍ ପଠନ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀ ପାଠ ପଢ଼ିଛନ୍ତି। ୩୫.୯% ଅସର ଗଣିତ ପରୀକ୍ଷାରେ ହରଣ କରିପାରୁଛନ୍ତି ଓ ୫୩.୬% ଅସର ଇଂରାଜୀ ପରୀକ୍ଷାରେ ଅତି କମ୍‌ରେ ବାକ୍ୟ ପଢ଼ି ପାରୁଛନ୍ତି। ମୋଟାମୋଟି ୪୦% ଯୁବକଯୁବତୀ ପ୍ରତିଦିନ ଗଣତି କରିପାରୁଛନ୍ତି। ଯେଉଁମାନେ ପ୍ରଥମ ଶ୍ରେଣୀ ପାଠ ପଢ଼ି ପାରୁଛନ୍ତି (ଅସର ପଠନ ପରୀକ୍ଷା), ସେମାନଙ୍କ ମଧ୍ୟରୁ ୫୬.୪% ଏକ ଔଷଧ ପ୍ୟାକେଟ୍ ପଢ଼ି ୪ ଟିରୁ ୩ ଟି ପ୍ରଶ୍ନର ଉତ୍ତର ଦେଇ ପାରିଛନ୍ତି। ଯେଉଁମାନେ ଫେଡାଣ କରି ପାରୁଛନ୍ତି ସେମାନଙ୍କ ମଧ୍ୟରୁ ୫୦.୧% ବଜେଟ୍ ସମ୍ବନ୍ଧିତ ଟାସ୍କ୍ କରିପାରୁଛନ୍ତି, ୨୮.୫% ରିହାତି ପ୍ରଶ୍ନ ସମାଧାନ କରିପାରୁଛନ୍ତି ଓ ୮.୫% ସରଳ ସୁଧ ପ୍ରଶ୍ନ ସମାଧାନ କରିପାରୁଛନ୍ତି।

ସେହିପରି ସମ୍ବଲପୁରରେ ୮୦.୮% ଯୁବକ ଯୁବତୀଙ୍କ ଘରେ ସ୍ମାର୍ଟଫୋନ୍ ଅଛି। ୮୯.୯% ଯୁବକଯୁବତୀ ସ୍ମାର୍ଟଫୋନ୍ ବ୍ୟବହାର ଜାଣିଛନ୍ତି। ପୁରୁଷମାନଙ୍କ ମଧ୍ୟରେ ଏହି ଅନୁପାତ ୯୩.୫% ଓ ମହିଳାମାନଙ୍କ ମଧ୍ୟରେ ଏହା ୮୬.୭%। ୪୯.୩% ପୁରୁଷ ଓ ୨୮.୮% ମହିଳାଙ୍କ ପାଖରେ ନିଜର ସ୍ମାର୍ଟଫୋନ୍ ଅଛି। ୬୮.୫% ଯୁବକଯୁବତୀ ସର୍ଭେର ଏକ ସପ୍ତାହ ପୂର୍ବରୁ ଅତି କମ୍‌ରେ ଗୋଟିଏ ଶିକ୍ଷା ସମ୍ବନ୍ଧିତ ଗତିବିଧି କରିଛନ୍ତି। ୮୯.୮% ସୋସିଆଲ୍ ମିଡ଼ିଆ ବ୍ୟବହାର କରୁଛନ୍ତି। ଏହାର ନିରାପତ୍ତା ସୁବିଧା ଯେପରି ପ୍ରୋଫାଇଲ୍ ବ୍ଲକ କରିବା, ପ୍ରାଇଭେଟ୍ କରିବା ଇତ୍ୟାଦି ଜାଣିଛନ୍ତି। ସମ୍ବଲପୁରରେ ୫୫% ଯୁବକଯୁବତୀ ଡିଜିଟାଲ୍ ଟାସ୍କ୍ କରିବା ପାଇଁ ମୋବାଇଲ୍ ଆଣି ପାରିଲେ, ତାହା ମଧ୍ୟରୁ ୫୯.୬% ଅଲାରାମ୍ ସେଟିଂ କରିପାରିଛନ୍ତି। ୪୧.୨% କିଛି ସୂଚନା ଖୋଜିବା ପାଇଁ ଇଣ୍ଟରନେଟ୍ ବ୍ରାଉଜ୍ କରିପାରିଛନ୍ତି। ୩୫.୧% ଗୁଗୁଲ୍ ମ୍ୟାପ ବ୍ୟବହାର ଜାଣିଛନ୍ତି। ୭୮.୭% ୟୁଟ୍ୟୁବରେ ଭିଡ଼ିଓ ଖୋଜି ଜାଣିଛନ୍ତି। ସମସ୍ତ ଡିଜିଟାଲ୍ ଟାସ୍କରେ ମହିଳାଙ୍କ ଅପେକ୍ଷା ପୁରୁଷ ଭଲ ପ୍ରଦର୍ଶନ କରିଛନ୍ତି। ସୂଚନା ଅନୁସାରେ 'ଅସର' ହେଉଛି ଏକ ବଡ଼ ଧରଣର ଘରୋଇ ସର୍ଭେ ଯାହା ଭାରତର ଗ୍ରାମାଞ୍ଚଳର ପିଲାମାନଙ୍କର ବିଦ୍ୟାଳୟ ଏବଂ ଶିକ୍ଷାସ୍ତରର ସ୍ଥିତି ଉପରେ ଗୁରୁତ୍ୱ ଦିଏ। ପ୍ରତ୍ୟେକ ଗ୍ରାମୀଣ ଜିଲ୍ଲାରେ 'ଅସର୍' କିଛି ସ୍ଥାନୀୟ ସଂସ୍ଥା, ଅନୁଷ୍ଠାନ ଏବଂ ଇଚ୍ଛାକାରୀ ନାଗରିକମାନଙ୍କ ଦ୍ୱାରା କରାଯାଏ। ଅସର 'ବେସିକସ୍' ୨୦୦୫ରୁ ଆରମ୍ଭ ହୋଇ ୨୦୧୪ ପ୍ରତିବର୍ଷ କରାଯାଇଥିଲା। ସମ୍ବଲପୁର ଜିଲ୍ଲାରେ ଅସର ୨୦୨୩ ସର୍ଭେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀମାନେ ଅର୍ଥନୀତି ବିଭାଗର ମୁଖ୍ୟ ତଥା ପିଜି କାଉନସିଲ ଚେୟାରମେନ ପ୍ରଫେସର ସଂଯୁକ୍ତା ଦାସ ତତ୍ତ୍ୱବଧାନରେ ସର୍ଭେ କରିଥିଲେ।

### କର୍ମନିଯୁକ୍ତି କ୍ଷେତ୍ରରେ ବି ପଛରେ ଯୁବତୀ

# ଅଠର ହଜାରରେ ବିଜେଡିର ବୈଠକ

**ସମ୍ବଲପୁର, ୧୭।୧(ସମିସ):** ସମ୍ବଲପୁର ସହର ଉପକଣ୍ଠସ୍ଥ ଅଠର ହଜାର ଠାରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ସମ୍ବଲପୁର ଜିଲ୍ଲାର ପ୍ରତିନିଧି ଓ ସକ୍ରିୟ ଯୁବ ବିଜେଡି କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ତଥା ଯୁବ ବିଜେଡି ନେତା ଆଶିଷ ମହାନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାର ୯ ଗୋଟି ବ୍ଲକର ପ୍ରତିନିଧି ବିଭିନ୍ନ ବିଭାଗରେ ରାଜ୍ୟସଭା ସାଂସଦଙ୍କ ଥିବା ସବୁ ପ୍ରତିନିଧିଙ୍କ ସହ ସମ୍ବଲପୁର ଜିଲ୍ଲାର ସକ୍ରିୟ ଯୁବବିଜେଡି ସଭ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟତଃ ଆଗାମୀ ୨୭ ତାରିଖରେ ବହୁ ପ୍ରତିକ୍ଷିତ ମାଁ ସମଲେଶ୍ୱରୀ ମନ୍ଦିରର ଯେଉଁ ସମଲେଇ ପ୍ରକଳ୍ପର ଲୋକାର୍ପଣ ହେବାକୁ ଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବାର କାର୍ଯକ୍ରମ ରହିଛି। ଏଣୁ ଏହି ବୈଠକରେ ସେ କାଯ୍ୟକ୍ରମ ନେଇ ଆଲୋଚନା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତରେ ସବୁ ପ୍ରତିନିଧି ଓ ସକ୍ରିୟ ସଭ୍ୟ ଯେଭଳି ସାମିଲ ହୋଇ ଏହାକୁ ସଫଳ କରାଇବେ ସେନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହଦେବ ମୁଣ୍ଡା, ସୁଧିର ପଟ୍ଟନାୟକ, ସପନେ ପଧାନ, ମହେନ୍ଦ୍ର କୁଅଁର, ବିକାଶ ତରିଆ, ନରେଶ ଶର୍ମା, ଅଜୟ ମହାକୁର, ହୃଷି ନାଗ, ଅମିତ ଯାଦବ, ଅନିଲ ପାଣିଗ୍ରାହୀ, ଭଜରାଜ ନାଗ, ଅନିଲ ଭାର୍ଗବ, ହରେନ୍ଦର ସିଂ, କୈଳାଶ ଚଣ୍ଡେଲ ପ୍ରମୁଖ ଉପସ୍ଥିତ ଥିଲେ।

